# ଅଧ୍ୟାୟ-IV

# ହିସାବର ଗୁଣବତ୍ତା ଏବଂ ଆର୍ଥିକ ବିବରଣୀ ପ୍ରଣାଳୀ

ଅଧ୍ୟାୟ IV

# ହିସାବର ଗୁଣବତ୍ତା ଏବଂ ଆର୍ଥିକ ରିପୋର୍ଟ ପ୍ରଣାଳୀ

ପ୍ରାସଙ୍ଗିକ ଏବଂ ନିର୍ଭରଯୋଗ୍ୟ ସୂଚନା ସହ ଏକ ସ୍ୱଚ୍ଛ ଆର୍ଥିକ ରିପୋର୍ଟ ପ୍ରଣାଳୀ ରାଜ୍ୟ ସରକାରଙ୍କ ଦ୍ୱାରା ଦକ୍ଷ ଓ ପ୍ରଭାବଶାଳୀ ଶାସନକୁ ଯଥେଷ୍ଟ ଭାବରେ ଯୋଗଦାନ କରେ । ଆର୍ଥିକ ନିୟମ, ପ୍ରଣାଳୀ ଏବଂ ନିର୍ଦ୍ଦେଶନାମାର ଅନୁପାଳନ ସଙ୍ଗେ ସଙ୍ଗେ ସେହି ଅନୁପାତ ସ୍ଥିତିର ସମୟାନୁଯାୟୀ ଏବଂ ଗୁଣାତ୍ମକ ରିପୋର୍ଟ ହେଉଛି ଏହିପରି ସୁଶାସନର ଏକ ଗୁଣ । ଅନୁପାଳନ ଏବଂ ନିୟନ୍ତ୍ରଣ ଉପରେ ରିପୋର୍ଟଗୁଡ଼ିକ ଯଦି ପ୍ରଭାବଶାଳୀ ଏବଂ କାର୍ଯ୍ୟକ୍ଷମ ହୁଅନ୍ତି, ତେବେ ରଣନୀତିକ ଯୋଜନା ଏବଂ ନିଷ୍ପତ୍ତି ସହିତ ମୌଳିକ ତତ୍ତ୍ୱାବଧାନ ଦାୟିତ୍ୱ ସମାପନରେ ସରକାରଙ୍କୁ ସହଯୋଗ କରନ୍ତି ।

## 4.1 ରାଜ୍ୟର ଏକୀକୃତ ପାଣ୍ଠି କିମ୍ବା ସରକାରୀ ହିସାବ ବାହାରେ ପାଣ୍ଠି

ଧାରା 267 ର ନିୟମାବଳୀ ଅନୁସାରେ ଧାରା 266(1) ପ୍ରଦାନ କରେ ଯେ, ଗୋଟିଏ ରାଜ୍ୟ ଦ୍ୱାରା ସଂଗୃହୀତ ହୋଇଥିବା ରାଜସ୍ୱ, ଟ୍ରେଜେରୀ ବିଲ୍ ମାଧ୍ୟମରେ ସେହି ରାଜ୍ୟ ଦ୍ୱାରା ଉଠାଯାଇଥିବା ଋଣ, ଋଣ କିମ୍ବା ସାଧୋନପାୟ ଅଗ୍ରୀମ ଏବଂ ଋଣ ପରିଶୋଧରୁ ସେହି ରାଜ୍ୟ ଦ୍ୱାରା ସଂଗୃହୀତ ହୋଇଥିବା ଅର୍ଥରେ "ରାଜ୍ୟ ଏକୀକୃତ ପାଣ୍ଠି" ନାମରେ ଗୋଟିଏ ଏକୀକୃତ ପାଣ୍ଠି ଗଠନ କରିବ । ଧାରା 266(2) ଅନୁସାରେ ଏକ ରାଜ୍ୟ ସରକାରଙ୍କ ଦ୍ୱାରା କିମ୍ବା ତରଫରୁ ପ୍ରାପ୍ତ ଅନ୍ୟ ସମସ୍ତ ସାର୍ବଜନୀନ ଅର୍ଥ ଯଥାସ୍ଥିତି ସରକାରୀ ପାଣ୍ଠିରେ ଜମା ହେବ ।

ସମୀକ୍ଷାରୁ ପରିଲକ୍ଷିତ ହେଲା ଯେ, ଏକୀକୃତ ପାଣ୍ଠି କିମ୍ବା ସରକାରୀ ପାଣ୍ଠିରେ ଜମା ହେବାକୁ ଥିବା ଅର୍ଥ ବ୍ୟାଙ୍କ ଆକାଉଣ୍ଟରେ ଜମା ହୋଇଥିଲା ଯାହା ନିମ୍ନରେ ଆଲୋଚିତ ହୋଇଛି:

### 4.1.1 ନିର୍ମାଣ ଏବଂ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ ସେସ୍

ବିଭିନ୍ନ ସଂସ୍ଥା ଦ୍ୱାରା ସଂଗୃହିତ ଶ୍ରମ ସେସ୍ ଚେକ୍/ ଡ୍ରାଫ୍ଟ ମାଧ୍ୟମରେ ଓଡ଼ିଶା ବିଲ୍ଡିଂ ଏବଂ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ ବୋର୍ଡକୁ ପଠାଯାଇଥିଲା କିମ୍ବା ଏହି ଉଦ୍ଦେଶ୍ୟରେ ଖୋଲାଯାଇଥିବା ବୋର୍ଡର ସେଭିଂ ବ୍ୟାଙ୍କ୍ ଆକାଉଣ୍ଟରେ ଜିଲ୍ଲା ଶ୍ରମ କାର୍ଯ୍ୟାଳୟ ମାଧ୍ୟମରେ ଜମା ହୋଇଥିଲା । 2021-22 ମଧ୍ୟରେ ସଂଗୃହୀତ 496.30 କୋଟି ଟଙ୍କାର ସେସ୍‌କୁ ସରକାରୀ ଆକାଉଣ୍ଟ ବାହାରେ ଫିକ୍ସଡ୍ ଡିପୋଜିଟ୍ ଏବଂ ଫ୍ଲେକ୍ସି ସେଭିଂ ଆକାଉଣ୍ଟ ଆକାରରେ ଷ୍ଟେଟ୍ ବ୍ୟାଙ୍କ ସରକାରୀ ଟ୍ରେଜେରୀ ଶାଖାରେ ରଖାଯାଇଥିଲା, ଯାହାଦ୍ୱାରା ସାମ୍ବିଧାନିକ ବ୍ୟବସ୍ଥା ଓ ନିର୍ମାଣ ଏବଂ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ (ବିଓସିଡବ୍ଲୁ) ଅଧିନିୟମ 1996 ର ଧାରା 3 ଅନ୍ତର୍ଗତ ଉପଧାରା(2) କୁ ଉଲ୍ଲଙ୍ଘନ କରିଥିଲା ।

2019-20 ରୁ 2021-22 ମଧ୍ୟରେ ଓବି ଏବଂ ସିଡବ୍ଲୁଡବ୍ଲୁ ଦ୍ୱାରା ସେସ୍ ପାଣ୍ଠି ସଂଗ୍ରହ ଓ ଖର୍ଚ୍ଚକୁ ସାରଣୀ 4.2 ରେ ଦର୍ଶାଯାଇଛି ।

**ସାରଣୀ 4.1: ଓବିଏବଂ ଓସିଡବ୍ଲୁଡବ୍ଲୁବି ଦ୍ୱାରା ସଂଗୃହିତ ଏବଂ ବିନିଯୋଗ ରାଶିର ପରିମାଣ**

(ଟଙ୍କା କୋଟିରେ)

| ବର୍ଷ | ପ୍ରାରମ୍ଭିକ ଜମା | ବର୍ଷ ମଧ୍ୟରେ ପ୍ରାପ୍ତ | | | ମୋଟ | ବ୍ୟୟ | ଅବଶେଷ ଜମା | ବିନିଯୋଗ ପାଣ୍ଠି(ପ୍ରତିଶତ) |
|---|---|---|---|---|---|---|---|---|
| | | ସେସ୍ | ପଞ୍ଜିକରଣ ଫି ଏବଂ ବାର୍ଷିକ ଅବଦାନ | ସୁଧ | | | | |
| **2019-20** | 490.72 | 408.60 | 6.92 | 51.64 | 957.88 | 230.43 | 727.45 | 24.06 |
| **2020-21** | 727.45 | 361.95 | 9.7 | 34.84 | 1,133.94 | 473.52 | 660.42 | 41.76 |

| | | | | | | | | |
|---|---|---|---|---|---|---|---|---|
| **2021-22** | 660.42 | 454.23 | 12.35 | 29.72 | 1,156.72 | 526.92 | 629.80 | 45.55 |
| | ମୋଟ | **1,224.78** | **28.97** | **116.20** | | **1,230.87** | | |

ସାରଣୀ 4.2 ରୁ ଦେଖାଯାଏ ଯେ, ପାଣ୍ଠିର ବିନିଯୋଗ 2019-20 ରେ 24 ପ୍ରତିଶତରୁ 2021-22 ରେ 46 ପ୍ରତିଶତକୁ ବୃଦ୍ଧି ପାଇଥିଲା । ସେହି ସମାନ ଅବଧିରେ ନିର୍ମାଣ ଶ୍ରମିକଙ୍କ ସଂଖ୍ୟା 29.98 ଲକ୍ଷ ରୁ 36.74 ଲକ୍ଷ କୁ ବୃଦ୍ଧି ପାଇଥିଲା (22.55 ପ୍ରତିଶତ ବୃଦ୍ଧି) ।

ପୁନଶ୍ଚ, 2021-22 ରେ ସରକାରଙ୍କ ଦ୍ୱାରା ଟ୍ରେଜେରୀ ମାଧ୍ୟମରେ ସଂଗୃହୀତ 1.61 କୋଟି ଟଙ୍କାର ଶ୍ରମ ସେସ୍‌କୁ ଶ୍ରମିକ କଲ୍ୟାଣ ବୋର୍ଡକୁ ହସ୍ତାନ୍ତର କରାଯାଇନାହିଁ । ଏହାଦ୍ୱାରା ବଳକା ରାଜସ୍ୱକୁ ଅତ୍ୟଧିକ ଓ ସମପରିମାଣର ଆର୍ଥିକ ନିଅଣ୍ଟକୁ କମ୍ କରି ଦର୍ଶାଯାଇଥିଲା ।


## 4.2 ରାଜ୍ୟ କାର୍ଯ୍ୟକାରୀ ସଂସ୍ଥାକୁ ସିଧାସଳଖ ପାଣ୍ଠି ହସ୍ତାନ୍ତର

ବିଭିନ୍ନ ଯୋଜନା ଏବଂ କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରିବା ପାଇଁ କେନ୍ଦ୍ର ସରକାର ପ୍ରଚୁର ଅର୍ଥ ସିଧାସଳଖ ରାଜ୍ୟ କାର୍ଯ୍ୟକାରୀ ସଂସ୍ଥା/ ଅଣ ସରକାରୀ ସଂଗଠନଗୁଡ଼ିକୁ ହସ୍ତାନ୍ତର କରନ୍ତି । ଯେହେତୁ ଏହି ପାଣ୍ଠି ରାଜ୍ୟ ବଜେଟ ମାଧ୍ୟମରେ ପରିଚାଳିତ ହୁଏ ନାହିଁ, ଏଗୁଡ଼ିକ ରାଜ୍ୟ ସରକାରଙ୍କ ହିସାବରେ ପ୍ରତିଫଳିତ ହୁଏ ନାହିଁ । ଏହି ସ୍ଥାନାନ୍ତରଣଗୁଡ଼ିକ 2021-22 ଆର୍ଥିକ ହିସାବ ଗୁଡ଼ିକର ଭାଗ-2 ର ପରିଶିଷ୍ଟ-VI ରେ ପ୍ରଦର୍ଶିତ ହୋଇଛି ।

### 4.2.1 କାର୍ଯ୍ୟକାରୀ ସଂସ୍ଥାକୁ ସିଧାସଳଖ ସ୍ଥାନାନ୍ତରର ଧାରା

01 ଅପ୍ରେଲ 2014 ଠାରୁ ଭାରତ ସରକାର କେନ୍ଦ୍ରୀୟ ପ୍ରାୟୋଜିତ ଯୋଜନା/ ଅତିରିକ୍ତ କେନ୍ଦ୍ରୀୟ ସହାୟତା ସମ୍ବନ୍ଧୀୟ ସମସ୍ତ ସହାୟତା ସିଧାସଳଖ କାର୍ଯ୍ୟକାରୀ ସଂସ୍ଥାକୁ ନ ଦେଇ ରାଜ୍ୟ ସରକାରଙ୍କୁ ପ୍ରଦାନ କରିବାକୁ ନିଷ୍ପତ୍ତି ନେଇଥିଲେ । ତଥାପି 2021-22ମଧ୍ୟରେ ଭାରତ ସରକାର ରାଜ୍ୟ ସରକାରଙ୍କ ପରିବର୍ତ୍ତେ କାର୍ଯ୍ୟକାରୀ ସଂସ୍ଥାକୁ ସିଧାସଳଖ 17,469.86 କୋଟି ଟଙ୍କା ପ୍ରଦାନ କରିଥିଲେ । ଗତ ପାଞ୍ଚ ବର୍ଷ ମଧ୍ୟରେ ସିଧାସଳଖ କାର୍ଯ୍ୟକାରୀ ସଂସ୍ଥା ଏକ ପ୍ରମୁଖ ଯୋଜନା ଅଧୀନରେ ଏହିପରି ହସ୍ତାନ୍ତରର ଧାରା ଚାର୍ଟ 4.1 ରେ ଦିଆଯାଇଛି ।

**ରେଖାଚିତ୍ର 4.1: 2017-22 ମଧ୍ୟରେ କାର୍ଯ୍ୟକାରୀ ସଂସ୍ଥାକୁ ସିଧାସଳଖ ପାଣ୍ଠି ହସ୍ତାନ୍ତର(ଟଙ୍କା କୋଟିରେ)**




*ଉତ୍ସ: ଓଡ଼ିଶା ସରକାରଙ୍କ ବିତ୍ତୀୟ ଖାତା 2021-22- ପରିଶିଷ୍ଟ VI , ଓଡ଼ିଶା ସରକାର*

ଉପରୋକ୍ତ ରେଖାଚିତ୍ରରୁ ଦେଖାଯାଏ ଯେ, ଗତ ପାଞ୍ଚ ବର୍ଷ ମଧ୍ୟରେ ପାଣ୍ଠି ହସ୍ତାନ୍ତର ତିନି ଗୁଣ ବୃଦ୍ଧି ପାଇ 2017-18 ର 4,669.14 କୋଟି ଟଙ୍କାରୁ 2021-22 ରେ 17,469.86 କୋଟି ଟଙ୍କା ଥିଲା । ଯେଉଁ ମୁଖ୍ୟ ସଂସ୍ଥାଗୁଡ଼ିକ 2019-22 ମଧ୍ୟରେ ବିଭିନ୍ନ ଉନ୍ନୟନ ଯୋଜନା କାର୍ଯ୍ୟକାରି କରିବା ପାଇଁ ଭାରତ ସରକାରଙ୍କଠାରୁ ସିଧାସଳଖ ପାଣ୍ଠି ଗ୍ରହଣ କରିଛନ୍ତି ଓ ସେହି ପାଣ୍ଠିର ପରିମାଣ ସାରଣୀ **4.3** ରେ ଦର୍ଶାଯାଇଛି ।

**ସାରଣୀ 4.2: 2019-22 ମଧ୍ୟରେ ପ୍ରମୁଖ କାର୍ଯ୍ୟକାରୀ ସଂସ୍ଥାଙ୍କ ଭାରତ ସରକାରଙ୍କ ଠାରୁ ସିଧାସଳଖ ପାଣ୍ଠି ଗ୍ରହଣ**

**(ଟଙ୍କା କୋଟିରେ)**

| ଭାରତ ସରକାରଙ୍କ ଯୋଜନାର ନାମ | କାର୍ଯ୍ୟକାରୀ ସଂସ୍ଥାର ନାମ | ହସ୍ତାନ୍ତର ବର୍ଷ | | |
|---|---|---|---|---|
| | | 2019-20 | 2020-21 | 2021-22 |
| ଖାଦ୍ୟ ସବ୍‌ସିଡି | ଓଡ଼ିଶା ରାଜ୍ୟ ନାଗରିକ ଯୋଗାଣ ନିଗମ ଲିମିଟେଡ୍ | 4,148.50 | 8,985.73 | 7,892.69 |
| ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆର୍‌ଇଜିଏ) | ଓଡ଼ିଶା ଗ୍ରାମୀଣ ବିକାଶ ଏବଂ ମାର୍କେଟିଂ ସୋସାଇଟି, ଭୁବନେଶ୍ୱର | 1,660.17 | 4,413.41 | 4,346.47 |
| ପ୍ରଧାନମନ୍ତ୍ରୀ କୃଷକ ସମ୍ମାନ ନିଧି | କୃଷି ଓ କୃଷକ ସଶକ୍ତିକରଣ ନିର୍ଦ୍ଦେଶକ, ଓଡ଼ିଶା | 1,634.11 | 1,483.85 | 2,759.54 |
| ଜାତୀୟ ଗ୍ରାମୀଣ ପାନୀୟ ଜଳ ଯୋଜନା/ କାର୍ଯ୍ୟକ୍ରମ | ଓଡ଼ିଶା ରାଜ୍ୟ ଜଳ ଯୋଗାଣ ଓ ସ୍ୱଚ୍ଛତା ମିଶନ | 0 | 0 | 1,661.70 |
| ସଂସଦ ସଦସ୍ୟ ସ୍ଥାନୀୟ କ୍ଷେତ୍ର ବିକାଶ ଯୋଜନା | ଜିଲ୍ଲାପାଳ | 137.50 | 55.00 | 64.00 |

***ଉତ୍ସ: ଓଡ଼ିଶା ସରକାରଙ୍କ ବିତ୍ତୀୟ ଖାତା 2021-22 – ପରିଶିଷ୍ଟ VI***

କାର୍ଯ୍ୟକାରୀ ସଂସ୍ଥାକୁ ପାଣ୍ଠିର ପ୍ରତ୍ୟକ୍ଷ ହସ୍ତାନ୍ତର ରାଜ୍ୟ ସରକାରଙ୍କର ଅନୁପଯୁକ୍ତ ପର୍ଯ୍ୟାଲୋଚନା ଏବଂ ପାଣ୍ଠିର ଭୁଲ୍ ବ୍ୟବହାର ହେବାର ଆଶଙ୍କା ଭରିରହିଛି ।

## 4.3 ବିନିଯୋଗ ପ୍ରମାଣ ପତ୍ର (ୟୁସି)ଦାଖଲରେ ବିଳମ୍ବ

ଓଡ଼ିଶା ସାଧାରଣ ଆର୍ଥିକ ନିୟମ (ଓଜିଏଫ୍‌ଆର୍) ର ନିୟମ 173 ଅନୁସାରେ ଅନୁଦାନ ମଞ୍ଜୁର କରୁଥିବା ପ୍ରତ୍ୟେକ ଆଦେଶ ଏହାର ଉଦ୍ଦେଶ୍ୟକୁ ସ୍ୱଷ୍ଟ ଭାବରେ ନିର୍ଦ୍ଦିଷ୍ଟ କରିବ ଏବଂ ସମୟ ସୀମା ମଧ୍ୟରେ ଅନୁଦାନ ଖର୍ଚ୍ଚ ହେବ । ଅନୁଦାନ ଆଣୁଥିବା ବିଭାଗୀୟ ଅଧିକାରୀମାନେ ମୁଖ୍ୟତଃ ମହାଲେଖାକାରଙ୍କୁ ପରବର୍ତ୍ତୀ ବର୍ଷର 01 ଜୁନ୍ ସୁଦ୍ଧା ପ୍ରମାଣପତ୍ର ଦେବା ପାଇଁ ଦାୟୀ ରହିବେ, ଆବଶ୍ୟକ ସ୍ଥଳେ ବିନିଯୋଗ ପ୍ରମାଣପତ୍ରର ଦାଖଲ ହୋଇଥିବା ସର୍ତ୍ତଗୁଡ଼ିକର ପୂରଣ ଯେପରି ମହାଲେଖାକାର (ଲେଖା ଓ ହକ୍‌ଦାରୀ) (ଏଜି, ଏ ଆଣ୍ଡ ଇ) ଏବଂ ସଂପୃକ୍ତ ବିଭାଗର ମୁଖ୍ୟଙ୍କ ମଧ୍ୟରେ ପରବର୍ତ୍ତୀ ଆର୍ଥିକ ବର୍ଷର ଜୁନ୍ 30 ସୁଦ୍ଧା ସହମତି ଭିତ୍ତିରେ ହେବ ।

ବିନିଯୋଗ ପତ୍ର ଗୁଡ଼ିକ ଦାଖଲ ନ କରିବାର ଅର୍ଥ ହେଉଛି ଯେ କର୍ତ୍ତୃପକ୍ଷ ବର୍ଷ ବର୍ଷ ଧରି କିପରି ପାଣ୍ଠି ବିନିଯୋଗ କରିଛନ୍ତି ସେ ବିଷୟରେ ବ୍ୟାଖ୍ୟା କରି ନାହାନ୍ତି । ଏହି ପାଣ୍ଠି ଯୋଗାଣର ଉଦ୍ଦିଷ୍ଟ ଉଦ୍ଦେଶ୍ୟ ହାସଲ ହୋଇଛି ବୋଲି କୌଣସି ନିଶ୍ଚିତତା ନାହିଁ । ଯଦି ବିନିଯୋଗ ପତ୍ର ଅଧିକ ପୁଞ୍ଜି ଖର୍ଚ୍ଚ ପାଇଁ ଅଟକି ରହିଛି, ତେବେ ଏହା ଅଧିକ ଗୁରୁତ୍ୱ ବହନ କରେ । ଯେହେତୁ ବିନିଯୋଗ ପତ୍ର ଗୁଡ଼ିକର ଦାଖଲ ନ ହେବାରୁ ଏହାର ଅପବ୍ୟବହାର ହେବାର ଆଶଙ୍କା ରହିଛି । ଏହା ଜରୁରୀ ଯେ ରାଜ୍ୟ ସରକାର ଏହି ଦିଗ ଉପରେ ତୀକ୍ଷ୍ଣ ନଜର ରଖିବା ଉଚିତ୍ ଏବଂ ଠିକ୍ ସମୟରେ ବିନିଯୋଗପତ୍ର ଦାଖଲ ପାଇଁ ସଂପୃକ୍ତ ବ୍ୟକ୍ତିଙ୍କୁ ଉତ୍ତରଦାୟୀ କରିବା ଉଚିତ୍ ।

2021-22 ବର୍ଷ ମଧ୍ୟରେ ସରକାର 25,930.97 କୋଟି ଟଙ୍କା (45,124 ଭାଉଚର) ଅନୁଦାନ ପ୍ରଦାନ କରିଥିଲେ । ଏହି ରାଶି ମଧ୍ୟରୁ, 30-06-2022 ସୁଦ୍ଧା, 18,104.15 କୋଟି ଟଙ୍କା (69.82 ପ୍ରତିଶତ) (2,974 ଭାଉଚର) ସମ୍ବନ୍ଧରେ ବିନିଯୋଗ ପତ୍ର ଦାଖଲ କରାଯାଇ ନାହିଁ । ତେଣୁ କୌଣସି ନିଷ୍ଚିତତା ନାହିଁ ଯେ, 18,104.15 କୋଟି ଟଙ୍କା ଖର୍ଚ୍ଚ ପ୍ରକୃତରେ ଯେଉଁ ଉଦ୍ଦେଶ୍ୟରେ ଅନୁମୋଦିତ ହୋଇଛି ସେଥିପାଇଁ ଖର୍ଚ୍ଚ ହୋଇଛି । ବିନିଯୋଗପତ୍ର ଦାଖଲ

କରିନଥିବା ପାଞ୍ଚୋଟି ମୁଖ୍ୟ ଖିଲାପକାରୀ ବିଭାଗ ହେଉଛନ୍ତି ପଞ୍ଚାୟତିରାଜ ଓ ପାନୀୟ ଜଳ (8713 କୋଟି ଟଙ୍କା), ଗୃହ ଓ ନଗର ଉନ୍ନୟନ (2684 କୋଟି ଟଙ୍କା), ବିଦ୍ୟାଳୟ ଏବଂ ଗଣଶିକ୍ଷା (1881 କୋଟି ଟଙ୍କା), ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ (1560 କୋଟି ଟଙ୍କା) ଏବଂ ଯୋଜନା ଓ ସମନ୍ୱୟ ବିଭାଗ (823 କୋଟି ଟଙ୍କା) ।

ଆହୁରି ମଧ୍ୟ, 2003-04 ପର ଠାରୁ ମହାଲେଖାକାର (ଲେଖା ଓ ହକ୍‌ଦାରୀ)ଙ୍କ ପୁସ୍ତକରେ ମାର୍ଚ୍ଚ 2022 ସୁଦ୍ଧା (**ପରିଶିଷ୍ଟ 4.1**) ରାଜ୍ୟର 36 ଟି ବିଭାଗ ସମ୍ବନ୍ଧରେ 45,527.18 କୋଟି ଟଙ୍କା ପାଇଁ ବିନିଯୋଗ ପତ୍ର ବାକି ରହିଥିଲା । ସାରଣୀ **4.4** ରେ ବାକିଥିବା ବିନିଯୋଗପତ୍ରର ବର୍ଷ ହିସାବରେ ସଂକ୍ଷିପ୍ତ ବିବରଣୀ ପ୍ରଦତ୍ତ କରାଗଲା:

**ସାରଣୀ 4.3: ବର୍ଷ ହିସାବରେ ବକେୟା ବିନିଯୋଗପତ୍ରର ଦାଖଲ**

**(ଟଙ୍କା କୋଟିରେ)**

| ବର୍ଷ | ପ୍ରାରମ୍ଭିକଗ ଜମା | | ଯୋଗ | | ମୋଟ | | ଉକ୍ତ | | ଅବଶେଷ ଜମା | |
|---|---|---|---|---|---|---|---|---|---|---|
| | ସଂଖ୍ୟା | ପରିମାଣ | ସଂଖ୍ୟା | ପରିମାଣ | ସଂଖ୍ୟା | ପରିମାଣ | ସଂଖ୍ୟା | ପରିମାଣ | ବକେୟା ୟୁସିର ମୋଟ ୟୁସି ଉପରେ ସଂଖ୍ୟା ଓ ପ୍ରତିଶତ | ପରିମାଣ |
| 2019-20 ପର୍ଯ୍ୟନ୍ତ | 29,138 | 45,340.89 | 38,987 | 28,465.46 | 68,125 | 73,806.35 | 40,276 | 37,612.46 | 27,849(40.88) | 36,193.89 |
| 2020-21 | 27,849 | 36,193.89 | 42,888 | 27,269.36 | 70,737 | 63,463.25 | 43,708 | 20,050.58 | 27,029(38.21) | 43,412.68 |
| 2021-22 | 27,029 | 43,412.68 | 45,124 | 25,930.97 | 72,153 | 69,343.65 | 47,073 | 23,816.47 | 25,080(34.76) | 45,527.18 |

*ଉତ୍ସ: ଓଡ଼ିଶା ସରକାରଙ୍କ 2021-22 ବର୍ଷର ବିତ୍ତୀୟ ଖାତା*


2020-21 ତୁଳନାରେ 2021-22 ରେ ସମସ୍ତ ବକେୟା ବିନିଯୋଗ ପତ୍ରର ପରିମାଣ 2,114.50 କୋଟି ଟଙ୍କା[33] (4.87 ପ୍ରତିଶତ) ହ୍ରାସ ପାଇଥିଲା ।

ବିନିଯୋଗ ପ୍ରମାଣ ପତ୍ର ଦାଖଲ କରି ନଥିବା ପାଞ୍ଚୋଟି ମୁଖ୍ୟ ଖିଲାପକାରୀ ବିଭାଗ ହେଉଛନ୍ତି ପଞ୍ଚାୟତିରାଜ ଓ ପାନୀୟ ଜଳ (18,104.16କୋଟି ଟଙ୍କା), ଗୃହ ଏବଂ ନଗର ଉନ୍ନୟନ (10,323.72କୋଟି ଟଙ୍କା), ଯୋଜନା ଓ ସମନ୍ୱୟ (3,855.92କୋଟି ଟଙ୍କା), ବିଦ୍ୟାଳୟ ଏବଂ ଗଣଶିକ୍ଷା (3,882 କୋଟି ଟଙ୍କା) ଏବଂ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ (2,385.22 କୋଟି ଟଙ୍କା) ।

10 ବର୍ଷରୁ ଅଧିକ ସମୟ ପାଇଁ ବକେୟା ଥିବା ବିନିଯୋଗ ପ୍ରମାଣ ପତ୍ରର ବିଭାଗ କ୍ରମେ ସ୍ଥିତି ପରିଶିଷ୍ଟ 4.2 ରେ ଦର୍ଶାଯାଇଛି । ସାମଗ୍ରିକ ଭାବେ17 ଟି ବିଭାଗ ବିରୁଦ୍ଧରେ 10 ବର୍ଷରୁ ଅଧିକ ସମୟ ଧରି ବିନିଯୋଗପତ୍ର ବାକି ରହିଛି । ଏଗୁଡ଼ିକ ମଧ୍ୟରୁ ମାର୍ଚ୍ଚ 2022 ସୁଦ୍ଧା 10 ଟି ପ୍ରମୁଖ ବିଭାଗ ନାମରେ ବିନିଯୋଗ ପ୍ରମାଣ ପତ୍ର ବକେୟା 10 ବର୍ଷରୁ ଅଧିକ ସମୟ ଧରି ଅଛି ଯାହା ରେଖାଚିତ୍ର **4.2** ରେ ବିସ୍ତୃତ ଭାବେ ଦର୍ଶାଯାଇଛି:

[33] 45,527.18 – 43,412.68

**ରେଖାଚିତ୍ର 4.2: 10 ଟି ପ୍ରମୁଖ ବିଭାଗକୁ 2021-22ସୁଦ୍ଧା ପ୍ରଦତ୍ତ ଅନୁଦାନରୁ ବକେୟା ଥିବା ବନିଯୋଗ ପତ୍ର**




*ଉତ୍ସ: ଓଡ଼ିଶା ସରକାରଙ୍କ 2021-22 ବର୍ଷର ବିତ୍ତୀୟ ଖାତା*

ରାଜ୍ୟ ସରକାର ପ୍ରକାଶ କରିଥିଲେ (ଜାନୁଆରୀ 2023) ଯେ, ବିନିଯୋଗ ଦାଖଲ କରିବା ଏକ ନିରନ୍ତର ପ୍ରକ୍ରିୟା । କେନ୍ଦ୍ର ଏବଂ ରାଜ୍ୟରୁ କାର୍ଯ୍ୟକାରୀ ସଂସ୍ଥାମାନଙ୍କୁ ଅର୍ଥ ଯାଇଥାଏ । ଅର୍ଥ ବିନିଯୋଗ ସମୟରେ ଆବଶ୍ୟକ ଔପଚାରିକତା ପାଳନ କରିବା ବେଳେ କାର୍ଯ୍ୟକାରୀ ସଂସ୍ଥାଗୁଡ଼ିକ କିଛି ସମୟ ନିଅନ୍ତି ଓ ତାପରେ ବିନିଯୋଗପତ୍ର ଦାଖଲ କରନ୍ତି ଯାହାକି ସେମାନଙ୍କୁ ପାଣ୍ଠି ପ୍ରଦାନର ପରବର୍ତ୍ତୀ କିସ୍ତି ପାଇବାକୁ ସକ୍ଷମ କରେ । ଏଣୁ, ସବୁ ସମୟରେ ବିନିଯୋଗ ପ୍ରମାଣପତ୍ର ଦାଖଲରେ କିଛି ବକେୟା ରହିବ ।

## 4.3.1 ଏକୀକୃତ ଆର୍ଥିକ ପରିଚାଳନା ପ୍ରଣାଳୀ (ଆଇଏଫ୍‌ଏମ୍‌ଏସ୍)-ୟୁସି ପରିମାଣ କାର୍ଯ୍ୟକାରୀ କରିବାରେ ବିଳମ୍ବ

ଓଜିଏଫ୍‌ଆର୍ ନିୟମ 171(4) ର ନିମ୍ନରେ ଥିବା ଟିପ୍ପଣୀ-2 ସୂଚାଏ ଯେ ମହାଲେଖାକାରଙ୍କୁ ବିନିଯୋଗ ପ୍ରମାଣ ପତ୍ର ଦାଖଲ ପାଇଁ ଅନୁଦାନ ପ୍ରାପ୍ତ ଅନୁଷ୍ଠାନ ଗୁଡ଼ିକ ପାଇଁ ଏକ ନିର୍ଦ୍ଦିଷ୍ଟ ତାରିଖ ଧାର୍ଯ୍ୟ କରାଯିବା ଉଚିତ୍ ।

ୟୁସି ଦାଖଲ ଉପରେ ନିୟନ୍ତ୍ରଣ ରଖିବା ପାଇଁ, ଅର୍ଥ ବିଭାଗ 4 ଡିସେମ୍ବର 2013 ରେ ଟାଟା କନସଲଟାନସି ସର୍ଭିସେସ୍ (ଟିସିଏସ୍) (ପୂର୍ବ ମେସର୍ସ ସିଏମ୍‌ସି ଲିମିଟେଡ୍) ସହିତ ଅପ୍ରେଲ 2018 ସୁଦ୍ଧା ୟୁସି ମଡ୍ୟୁଲ ବିକାଶ ଏବଂ କାର୍ଯ୍ୟକାରୀ କରିବା ପାଇଁ ଏକ ଚୁକ୍ତିନାମା କାର୍ଯ୍ୟକାରୀ କରିଥିଲା ।

ଯାହାହେଉ, ସମୀକ୍ଷା ଲକ୍ଷ୍ୟ କଲା ଯେ ଏକୀକୃତ ଆର୍ଥିକ ସଞ୍ଚାଳନ ପ୍ରଣାଳୀ (ଆଇଏଫ୍‌ଏମ୍‌ଏସ୍) ରେ ୟୁସି ମଡ୍ୟୁଲ୍ କାର୍ଯ୍ୟକ୍ଷମ ହୋଇନଥିଲା (ସେପ୍ଟେମ୍ବର 2022) । ପଥଦର୍ଶୀ ଆଧାରରେ ୟୁସି ମଡ୍ୟୁଲ୍ ଉଚ୍ଚ ଶିକ୍ଷା ଓ ସମବାୟ ବିଭାଗରେ କରାଯାଇଛି ।

ୟୁସି ମଡ୍ୟୁଲର ଅନୁପସ୍ଥିତିରେ ରାଜ୍ୟର ପ୍ରଶାସନିକ ବିଭାଗ ଏବଂ ଅର୍ଥ ବିଭାଗର ସମସ୍ତ ସ୍ତରର ଅଧିକାରୀଙ୍କ ଦ୍ୱାରା ଅନୁଦାନପ୍ରାପ୍ତ ସଂସ୍ଥାଗୁଡ଼ିକର ବକେୟା ୟୁସି ଗୁଡ଼ିକର ପର୍ଯ୍ୟାଲୋଚନା କରିବାରେ ଆଇଏଫ୍‌ଏମ୍‌ଏସ୍ ସହାୟତା କରିବାରେ ଅସମର୍ଥ ଥିଲା ।


## 4.4 ସଂକ୍ଷିପ୍ତ ଆକସ୍ମିକ ବିଲ୍

ଓଡ଼ିଶା କୋଷାଗାର ସଂହିତା (ନିୟମ 261) ଅନୁଯାୟୀ ସଂକ୍ଷିପ୍ତ ଆକସ୍ମିକ (ଏସି) ବିଲ୍ ମାଧ୍ୟମରେ ନିର୍ମାଣ ଏବଂ ପ୍ରାକୃତିକ ବିପର୍ଯ୍ୟୟ ଖର୍ଚ୍ଚ ପାଇଁ ନିଆଯାଉଥିବା ଅଗ୍ରୀମ ତିନି ମାସ ମଧ୍ୟରେ ବିଶଦ ଆକସ୍ମିକତା (ଡିସି) ବିଲରେ ତୁରନ୍ତ ବ୍ୟବସ୍ଥିତ କରାଯିବ । କାର୍ଯ୍ୟ ବ୍ୟୟ ଏବଂ ପ୍ରାକୃତିକ ବିପର୍ଯ୍ୟୟ ଖର୍ଚ୍ଚ ପାଇଁ ଏକ ମାସ ମଧ୍ୟରେ କଣ୍ଟିଜେଣ୍ଟ ଚାର୍ଜରେ ବ୍ୟବସ୍ଥିତ କରାଯିବ ।

31 ମାର୍ଚ୍ଚ 2022 ସୁଦ୍ଧା, ଓଡ଼ିଶା ସରକାରଙ୍କ 13 ଟି ବିଭାଗ 1,395 ଟି ଏସି ବିଲ୍ ମାଧ୍ୟମରେ ପାଇଥିବା 167.51 କୋଟି ଟଙ୍କାର ଡିସି ବିଲ୍ ଦାଖଲ କରିନଥିଲେ (**ପରିଶିଷ୍ଟ** 4.3) ।

ପ୍ରମୁଖ ଛଅଟି ବିଭାଗର ସ୍ଥିତି, ସମୁଦାୟ ବକେୟା ଡିସି ବିଲର 99.50 ପ୍ରତିଶତ ଥିଲା ତାହା ରେଖାଚିତ୍ର 4.3 ରେ ଦିଆଯାଇଛି ।

**ରେଖାଚିତ୍ର: 4.3 ପ୍ରମୁଖ ବିଭାଗ ମାନଙ୍କ ସଂପର୍କରେ ବକେୟା ଡିସି ବିଲ୍**




*ଉତ୍ସ: ମହାଲେଖାକାର (ଲେଖା ଓ ହକ୍‌ଦାରୀ), ଓଡ଼ିଶାଙ୍କ ନଥିପତ୍ର*

2021-22ପର୍ଯ୍ୟନ୍ତ ଡିସି ବିଲର ବର୍ଷୱାରୀ ବକେୟା ସାରଣୀ 4.5 ରେ ଦର୍ଶାଯାଇଛି ।

**ସାରଣୀ 4.4: ଏସି ବିଲ ତୁଳନାରେ ଡିସି ବିଲ୍ ଦାଖଲର ବାର୍ଷିକ ଅଗ୍ରଗତି2021-22 ପର୍ଯ୍ୟନ୍ତ**

**(ଟଙ୍କା କୋଟିରେ)**

| ବର୍ଷ | ଏସି ବିଲର ପ୍ରାରମ୍ଭିକ ଜମା | | ଯୋଗ | | ମୋଟ | | ନିର୍ଗମନ | | ଅବଶେଷ ଜମା | |
|---|---|---|---|---|---|---|---|---|---|---|
| | ସଂଖ୍ୟା | ପରିମାଣ | ସଂଖ୍ୟା | ପରିମାଣ | ସଂଖ୍ୟା | ପରିମାଣ | ସଂଖ୍ୟା | ପରିମାଣ | ମୋଟ ୟୁସି ବିରୋଧରେ ସଂଖ୍ୟା ଏବଂ ପ୍ରତିଶଥ | ପରିମାଣ |
| 2019-20 ପର୍ଯ୍ୟନ୍ତ | 1,271 | 213.4 | 735 | 23.95 | 2,006 | 237.35 | 567 | 67.67 | 1,439 (71.73) | 169.68 |
| 2020-21 | 1439 | 169.68 | 385 | 14.00 | 1824 | 183.68 | 732 | 101.91 | 1,092 (59.87) | 81.77 |
| 2021-22 | 1,092 | 81.77 | 858 | 128.52 | 1,950 | 210.29 | 555 | 42.78 | 1,395 (71.54) | 167.51 |

*ଉତ୍ସ: ଓଡ଼ିଶା ସରକାରଙ୍କ 2021-22 ବର୍ଷର ବିତ୍ତୀୟ ଖାତା*

2020-21 ତୁଳନାରେ 2021-22 ରେ ବକେୟା ଡିସି ବିଲର ପରିମାଣ 85.74 କୋଟି ଟଙ୍କା[34] (104.86 ପ୍ରତିଶତ) ବୃଦ୍ଧି ପାଇଥିଲା ।

ଏହା ଦେଖାଗଲା ଯେ 2021-22 ମଧ୍ୟରେ 10 ଟି ବିଭାଗ ସରକାରୀ ତହବିଲରୁ 858 ଟି ଏସି ବିଲ୍ ମାଧ୍ୟମରେ 128.52 କୋଟି ଟଙ୍କାର ଅଗ୍ରୀମ ନେଇଥିଲେ, ତନ୍ମଧ୍ୟରୁ, ମାର୍ଚ୍ଚ 2022 ରେ 287 ଟି ଏସି ବିଲର ପରିମାଣ 35.61 କୋଟି ଟଙ୍କା (27.71 ପ୍ରତିଶତ) ଉଠାଯାଇଥିଲା । ଯାହାହେଉ, ମାତ୍ର ଗୋଟିଏ ବିଭାଗ ସମ୍ବନ୍ଧୀୟ 0.58 କୋଟି ଟଙ୍କା (0.45 ପ୍ରତିଶତ) କେବଳ ବ୍ୟବସ୍ଥିତ ହୋଇଥିଲା । ଏହିପରି ମାର୍ଚ୍ଚ 2022 ସୁଦ୍ଧା ନଅଟି ବିଭାଗ ସମ୍ବନ୍ଧୀୟ 127.94 କୋଟି ଟଙ୍କାର ଡିସି ବିଲ୍ ଦାଖଲ ହୋଇନଥିଲା (***ପରିଶିଷ୍ଟ 4.4***) । ଡିସି ବିଲ୍ ଦାଖଲ କରିନଥିବା ପ୍ରମୁଖ ପାଞ୍ଚଟି ଖିଲାପକାରୀ ବିଭାଗ ହେଉଛନ୍ତି, ପଞ୍ଚାୟତି ରାଜ ଓ ପାନୀୟ ଜଳ (105.62 କୋଟି ଟଙ୍କା), ଗୃହ (13.48 କୋଟି ଟଙ୍କା), ଗୃହ ଓ ନଗର ଉନ୍ନୟନ (6.45 କୋଟି ଟଙ୍କା), ଇସ୍ପାତ୍ ଓ ଖଣି (1.18 କୋଟି ଟଙ୍କା) ଏବଂ ଉଚ୍ଚ ଶିକ୍ଷା (1.16 କୋଟି ଟଙ୍କା) । ତେଣୁ, କୌଣସି ନିଶ୍ଚିତତା ନାହିଁ ଯେ ଏହି ପରିମାଣ 127.94 କୋଟି ଟଙ୍କା ପ୍ରକୃତରେ ଯେଉଁ ଉଦ୍ଦେଶ୍ୟରେ ମଞ୍ଜୁର କରାଯାଇଥିଲା ସେହି ଉଦ୍ଦେଶ୍ୟରେ ବ୍ୟବହାର କରାଯାଇଥିଲା । ଅଗ୍ରୀମ ଉଠାଣ ବ୍ୟବସ୍ଥିତ ହୋଇ ନଥିବା, ଅର୍ଥର ଶେଷ ବ୍ୟବହାରର ଗତି ପରିବର୍ତ୍ତନ/ ଅପବ୍ୟବହାର ସୂଚାଇଥିଲା ଏବଂ ତେଣୁ ଡିସି ବିଲ୍ ଦାଖଲ ନିଶ୍ଚିତ କରିବା ପାଇଁ ସଂପୃକ୍ତ ଡିଡିଓ ମାନଙ୍କ ଦ୍ୱାରା ତୀକ୍ଷ୍ଣ ନଜର ରଖାଯିବା ଆବଶ୍ୟକ ଥିଲା ।

### 4.4.1 ଆଇଏଫ୍ଏମ୍ଏସ୍ ର ଅନ୍‌ଲାଇନ୍ ବିଲ୍ ପ୍ରସ୍ତୁତି ଏବଂ ଦାଖଲ ମଡ୍ୟୁଲ୍ ଅଧୀନରେ ଡିସି ବିଲ୍ କାର୍ଯ୍ୟକାରିତାର କାର୍ଯ୍ୟାନ୍ୱୟନ ନହେବା

ଅର୍ଥ ବିଭାଗ ଏବଂ ବିକ୍ରେତା (ଟାଟା କନ୍‌ସଲ୍ଟାନ୍ସି(ଟିସିଏସ୍) (ପୂର୍ବରୁ ମେସର୍ସ ସିମ୍ନେସି ଟିମିଟେଡ୍)ଙ୍କ ମଧ୍ୟରେ ସ୍ୱାକ୍ଷରିତ ଚୁକ୍ତିନାମା (04 ଡିସେମ୍ବର 2013) ଅନୁଯାୟୀ ଏସି/ଡିସି ବିଲ୍ ଗୁଡ଼ିକର ଟ୍ରାକିଂ ଏବଂ ମନିଟରିଂ ପାଇଁ ଆଇଏଫ୍ଏମ୍ଏସ୍ ରେ ଏକ ମଡ୍ୟୁଲ୍ ବିକଶିତ କରିବାର ଥିଲା । ଅଡିଟ୍ ଆଇଏଫ୍ଏମ୍ଏସ୍ ର "ଅନ୍ ଲାଇନ୍ ବିଲ୍ ପ୍ରସ୍ତୁତି ଏବଂ ଦାଖଲ" ମଡ୍ୟୁଲର କାର୍ଯ୍ୟକାରିତାକୁ ସମୀକ୍ଷା କଲା ଏବଂ ଲକ୍ଷ୍ୟ କଲା:

i. ସଂକ୍ଷିପ୍ତ ଆକସ୍ମିକ ବ୍ୟୟ ବିଲ୍ ପ୍ରକାର ପାଇଁ ଫର୍ମ ଏବଂ ବ୍ୟବସ୍ଥା ଆଇଏଫ୍ଏମ୍ଏସ୍ ରେ ଧାର୍ଯ୍ୟ ଅନୁଯାୟୀ କାର୍ଯ୍ୟକାରୀ କରାଯାଇଥିଲା । ଅବଶ୍ୟ, ବିସ୍ତୃତ ଆକସ୍ମିକ ବିଲ୍ ପ୍ରକାର ପାଇଁ ଅନୁରୂପ ବ୍ୟବସ୍ଥା ମଡ୍ୟୁଲର ସମ୍ପୂର୍ଣ୍ଣ ଉଦ୍ଦେଶ୍ୟକୁ ଅଗ୍ରାହ୍ୟ କରି ସେପ୍ଟେମ୍ବର 2022 ସୁଦ୍ଧା କାର୍ଯ୍ୟକାରୀ ହୋଇନଥିଲା । ବିସ୍ତୃତ ଆକସ୍ମିକ ବିଲ୍ ପ୍ରକାରର କାର୍ଯ୍ୟାନ୍ୱୟନ ପାଇଁ ନିର୍ଦ୍ଧାରିତ ସମୟ ସୀମା ଅପ୍ରେଲ 2018 ଥିଲା, ଯାହାକି ଆଇଏଫ୍ଏମ୍ଏସ୍‌ର ଶେଷ ତାରିଖ ଥିଲା ।

ii. ଡିସି ବିଲ୍ ପ୍ରକାରର ଅନୁପସ୍ଥିତିରେ, ପ୍ରଶାସନିକ, କୋଷାଗାର ଏବଂ ଅର୍ଥ ବିଭାଗର ସମସ୍ତ ସ୍ତରରେ କର୍ତ୍ତୃପକ୍ଷଙ୍କ ଦ୍ୱାରା ବିଚରାଧୀନ ଏସି ବିଲ୍ ସ୍ଥିତି ନଜରରେ ଆଇଏଫ୍ଏମ୍ଏସ୍ ସାହାଯ୍ୟ କରିବାରେ ସମର୍ଥ ନଥିଲା ।

ରାଜ୍ୟ ସରକାର କହିଥିଲେ ( ଜାନୁଆରୀ 2023) ଯେ, ଏହି ଘଟଣା ଅର୍ଥ ବିଭାଗ ସଚିବଙ୍କ ଦ୍ୱାରା ନିୟମିତ ଭାବରେ ସମୀକ୍ଷା ହୋଇଛି । ଡିସି ବିଲ୍ ଠିକ୍ ସମୟରେ ଦାଖଲ କରିବା ବିଷୟରେ ଏଫ୍ଏ ଏବଂ ନିୟନ୍ତ୍ରଣକାରୀ ଅଧିକାରୀମାନେ ମଧ୍ୟ ସମ୍ବେଦନଶୀଳ ଅଛନ୍ତି । ଆଇଏଫ୍ଏମ୍ଏସ୍ ତାଜା ଏସି ବିଲ୍ ଦାଖଲ କରିବା ସମୟରେ ଡିସି ବିଲ୍ ସଂଖ୍ୟା ପଞ୍ଜୀକୃତ କରୁଛି । ତ୍ରୁଟି ଡିସି ବିଲ୍ ଦାଖଲ କରିବା ଅଣ-ଦାଖଲକୁ ନିୟନ୍ତ୍ରଣ କରିବା ପାଇଁ ଆଇଏଫ୍ଏମ୍ଏସ୍‌ରେ ଡିସି ବିଲ୍ ସୃଷ୍ଟି କରିବାକୁ ଯୋଜନା କରାଯାଇଅଛି ।

[34] *167.51 – 81.77*

## 4.5 ବ୍ୟକ୍ତିଗତ ଜମା (ପିଡି) ଖାତା

ବ୍ୟକ୍ତିଗତ ଜମାଖାତା ଗୁଡ଼ିକୁ ବ୍ୟାଙ୍କ୍ ଖାତା ଆକାରରେ ରାଜକୋଷରେ ରଖାଯାଇଥାଏ । ଏଗୁଡ଼ିକ ସାଧାରଣତଃ ବ୍ୟକ୍ତିଗତ ଜମାଖାତା ଭାବରେ ଜଣାଶୁଣା । ଓଡ଼ିଶା ରାଜକୋଷ ସଂହିତା ଖଣ୍ଡ-I ଅଧିନିୟମ 423 ଅନୁଯାୟୀ ମହାଲେଖାକାରଙ୍କ ବିନା ପରାମର୍ଶରେ ବ୍ୟକ୍ତିଗତ ଜମାଖାତା ଖୋଲିବା ପାଇଁ ଅନୁମତି ଦିଆଯିବ ନାହିଁ । ଏକୀକୃତ ପାଣ୍ଠିରୁ ପାଣ୍ଠି ସ୍ଥାନାନ୍ତର କରି ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟରେ ଆବଶ୍ୟକ ପାଣ୍ଠି ଜମା କରିବା ପାଇଁ ବ୍ୟକ୍ତିଗତ ଜମାଖାତା ଖୋଲିବାକୁ ଏହା ପ୍ରାଧିକୃତ । ବ୍ୟକ୍ତିଗତ ଖାତାକୁ ପାଣ୍ଠି ସ୍ଥାନାନ୍ତର ସଂପୃକ୍ତ ମେଜର ହେଡ୍ ଅଧୀନରେ ଏକୀକୃତ ପାଣ୍ଠିରୁ କୌଣସି ପ୍ରକୃତ ନଗଦ ପ୍ରଦାନ ବିନା ଦର୍ଶାଯାଇଥାଏ ।

### 4.5.1 ବ୍ୟକ୍ତିଗତ ଜମା ଖାତାର ଢାଞ୍ଚା

2021-22 ରେ ରାଜ୍ୟରେ ପିଡି ଆକାଉଣ୍ଟକୁ 2,509.78 କୋଟି ଟଙ୍କା ସ୍ଥାନାନ୍ତର କରାଯାଇଥିଲା । ଏଥି ମଧ୍ୟରୁ 125.93 କୋଟି ଟଙ୍କା ମାର୍ଚ୍ଚ 2022 ରେ ସ୍ଥାନାନ୍ତର ହୋଇଥିଲା, ଯେଉଁଥିରୁ କି 1.31 କୋଟି ଟଙ୍କା ମାର୍ଚ୍ଚ 2022 ର ଶେଷ ଦିନରେ ସ୍ଥାନାନ୍ତରିତ ହୋଇଥିଲା ।

31 ମାର୍ଚ୍ଚ 2022 ସୁଦ୍ଧା 404 ଟି ପିଡି ଆକାଉଣ୍ଟରେ 4,356.80 କୋଟି ଟଙ୍କା ବ୍ୟୟ ନ ହୋଇ ରହିଥିଲା ଯାହା ସାରଣୀ 4.6 ରେ ବିସ୍ତୃତ ଭାବରେ ଦର୍ଶାଯାଇଛି ।

**ସାରଣୀ 4.5: ବ୍ୟକ୍ତିଗତ ଜମା ଖାତା**


(ଟଙ୍କା କୋଟିରେ)

| 01/04/2021 ସୁଦ୍ଧା ପ୍ରାରମ୍ଭିକ ଜମା | | 2021-22 ବର୍ଷ ମଧ୍ୟରେ ଯୋଗ | | ବନ୍ଦ ପିଡି ଖାତା ସଂଖ୍ୟା | ବନ୍ଦ ହୋଇଥିବା ପିଡି ଖାତା ସହିତ ବର୍ଷର ବ୍ୟୟ | 31/ 03/2022ସୁଦ୍ଧା ବଳକା ଜମା | |
|---|---|---|---|---|---|---|---|
| ସଂଖ୍ୟା | ପରିମାଣ | ସଂଖ୍ୟା | ପରିମାଣ | ସଂଖ୍ୟା | ପରିମାଣ | ସଂଖ୍ୟା | ପରିମାଣ |
| 405 | 3,779.59[35] | 01 | 21,691.66 | 02 | 21,114.45 | **404** | **4,356.80** |

*ଉତ୍ସ: ମହାଲେଖାକାର (ଲେଖା ଓ ହକ୍‌ଦାରୀ), ଓଡ଼ିଶାଙ୍କ କାର୍ଯ୍ୟାଳୟ ନଥି*

ସାରଣୀ 4.6 ରୁ ଏହା ଦେଖାଯାଇପାରେ ଯେ 2021-22 ବର୍ଷରେ 21,691.66 କୋଟି ଟଙ୍କାର ଗୋଟିଏ ପିଡି ଆକାଉଣ୍ଟ ଖୋଲାଯାଇଥିଲା । 2021-22 ବର୍ଷ ଶେଷରେ କ୍ରମବର୍ଦ୍ଧିଷ୍ଣୁ ଅବଶେଷ ଜମା 577.21 କୋଟି ଟଙ୍କା (15.27 ପ୍ରତିଶତ) ବୃଦ୍ଧି ଘଟିଛି ଯାହା ରେଖାଚିତ୍ର **4.4** ରେ ବିସ୍ତୃତ ଭାବରେ ଦର୍ଶାଯାଇଛି :

**ରେଖାଚିତ୍ର 4.4: 2017-22 ମଧ୍ୟରେ ପିଡି ଆକାଉଣ୍ଟରେ ଅବଶେଷ**




*ଉତ୍ସ: ରାଜ୍ୟ ସରକାରଙ୍କ ସଂପୃକ୍ତ ବର୍ଷର ଆର୍ଥିକ ସ୍ଥିତି*

---

35 ଅବଶେଷ ବାଦ୍ ଦେଇ ଅଧିନସ୍ଥ 8443-00-123-ଶୈକ୍ଷିକ ଅନୁଷ୍ଠାନଗୁଡ଼ିକର ଜମା: 94.38 କୋଟି ଟଙ୍କା, 8448-00-102- ପୌର ପାଳିକା ପାଣ୍ଠି: 2,652.28 କୋଟି ଟଙ୍କା ଏବଂ 8448-00-111- ଚିକିତ୍ସାଳୟ ଓ ଦାତବ୍ୟ ଅନୁଷ୍ଠାନ ପାଣ୍ଠି: 14.16 କୋଟି ଟଙ୍କା

404 ଟି ପିଡି ଆକାଉଣ୍ଟରେ(8443-106 ଏବଂ 109) 4356.80 କୋଟି ଟଙ୍କାର ଅବଶେଷ ଜମା ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା, ଜିଲ୍ଲା ପରିଷଦ, ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା, ଓଡ଼ିଶା ଖଣିଜ ଧାରଣ ଅଞ୍ଚଳ ଉନ୍ନୟନ ନିଗମ (ଓଏମ୍‌ବିଏଡିସି) ଏବଂ 314 ଟି ବ୍ଲକ୍ ଇତ୍ୟାଦିରେ ଥିଲା । ଅତ୍ୟଧିକ ଅବଶେଷ ଜମା ଥିବା ପ୍ରମୁଖ ପିଡି ପରିଚାଳକମାନେ ହେଲେ- ପଶ୍ଚିମ ଓଡ଼ିଶା ବିକାଶ ପରିଷଦର ଚେୟାରମ୍ୟାନ୍, ଭୁବନେଶ୍ୱର (179.28 କୋଟି ଟଙ୍କା), କାର୍ଯ୍ୟନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, ଖୋର୍ଦ୍ଧା (141.99 କୋଟି ଟଙ୍କା), ପ୍ରଧାନ ମୁଖ୍ୟ ବନ ସଂରକ୍ଷକ, ଓଡ଼ିଶା ଖଣିଜ ଧାରଣ ଅଞ୍ଚଳ ଉନ୍ନୟନ ନିଗମ (ଓଏମ୍‌ବିଏଡିସି), ଭୁବନେଶ୍ୱର (139.91 କୋଟି ଟଙ୍କା), ପ୍ରକଳ୍ପ ନିର୍ଦ୍ଦେଶକ, ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା, ବଲାଙ୍ଗୀର (75.69 କୋଟି ଟଙ୍କା) ଏବଂ ସଚିବ, ରାଜ୍ୟ ବିଜ୍ଞାନ ଓ ପ୍ରଯୁକ୍ତି ପରିଷଦ, ସଚିବାଳୟ (72.89 କୋଟି ଟଙ୍କା) । ପିଡି ଆକାଉଣ୍ଟରେ ଥିବା ଅବ୍ୟୟିତ ଅବଶେଷକୁ ରାଜ୍ୟର ଏକୀକୃତ ପାଣ୍ଠିକୁ ସ୍ଥାନାନ୍ତର ନକରିବା ଦ୍ୱାରା ଜନସାଧାରଣଙ୍କ ପାଣ୍ଠିର ଅପବ୍ୟବହାର, ଜାଲିଆତି ଏବଂ ଆତ୍ମସାତ୍ ହେବାର ଆଶଙ୍କା ରହିଥିଲା ।

ରାଜ୍ୟ ସରକାର ଦର୍ଶାଇଥିଲେ (ଜାନୁଆରୀ 2023) ଯେ, ପିଡି ଆକାଉଣ୍ଟର ନିୟମ ଅନୁପାଳନକୁ ସୁନିଶ୍ଚିତ କରିବା ପାଇଁ ସେମାନେ ମହାଲେଖାକାର (ଲେଖା ଓ ହକ୍‌ଦାରୀ)ଙ୍କ ସହିତ ନିରନ୍ତର କାର୍ଯ୍ୟ କରୁଛନ୍ତି । ଉନ୍ନତ କାର୍ଯ୍ୟ କ୍ଷମତା ଓ ରିପୋର୍ଟ ପାଇଁ ରାଜ୍ୟ ପିଡି ଆକାଉଣ୍ଟରେ ଅନେକ ବୈଶିଷ୍ଟ୍ୟ ଯୋଡ଼ିଛି । ସେଗୁଡ଼ିକର ପରିଚାଳନାରେ କୌଣସି ଅନିୟମିତତାକୁ ଏଡ଼ାଇବା ପାଇଁ ପିଡି ଖାତା ଗୁଡ଼ିକର ମିଳାମିଶା ନିୟମ ଭାବେ କରାଯାଉଛି । ଯେଉଁ ପିଏଲ୍ ପ୍ରଶାସକ ନିର୍ଦ୍ଦିଷ୍ଟ ସମୟରେ ଆକାଉଣ୍ଟ ମିଳାମିଶା କରିବାରେ ବିଫଳ ହେବେ ସେମାନଙ୍କର ଚେକ୍ ଉଠାଣ ସୁବିଧାକୁ ପ୍ରତ୍ୟାହାର କରିବା ପାଇଁ ମହାଲେଖାକାର (ଲେଖା ଏବଂ ହକ୍‌ଦାରୀ) କାର୍ଯ୍ୟାଳୟକୁ ଏକକ ୱିଣ୍ଡୋ ଯୋଗାଇବା ପାଇଁ ଆଇଏଫ୍‌ଏମ୍‌ଏସ୍ କଷ୍ଟମାଇଜ୍ କରାଯାଇଛି ।

### 4.5.2 ଅକାମୀ ପିଡି ଆକାଉଣ୍ଟ ଏବଂ ପିଡି ଆକାଉଣ୍ଟ ଅବଶେଷର ମିଳାମିଶା ନହେବା

ଓଡ଼ିଶା କୋଷାଗାର ସଂହିତା ପ୍ରଥମ ଖଣ୍ଡର ଅନୁପୂରକ ନିୟମାବଳୀ 423 ଅନୁଯାୟୀ ଯଦି କୌଣସି ବ୍ୟକ୍ତିଗତ ଜମା ଖାତାରେ ଶେଷ ଥର କାରବାର ହେବାର ସମ୍ପୂର୍ଣ୍ଣ ତିନି ବର୍ଷ ପର୍ଯ୍ୟନ୍ତ ଆଉ କୌଣସି କାରବାର ହୋଇନଥିବ ତେବେ ଉକ୍ତ ବ୍ୟକ୍ତିଗତ ଜମାଖାତା ସ୍ୱତଃ ବନ୍ଦ ହୋଇଯାଏ ଏବଂ ଜମା ରହିଥିବା ରାଶି ସ୍ଥିତିଚ୍ୟୁତି ଘଟି ସରକାରଙ୍କ ଖାତାକୁ ଚାଲି ଯାଇଥାଏ । ଏଥିପାଇଁ ପ୍ରତିବର୍ଷ 31 ମାର୍ଚ୍ଚ ଶେଷରେ ପ୍ରତି କୋଷାଗାର ଅଧିକାରୀମାନେ ଏହିପରି ବ୍ୟକ୍ତିଗତ ଜମାଖାତାର ତାଲିକା ସହ ସ୍ଥିତିଚ୍ୟୁତ ହେଉଥିବା ରାଶିର ପରିମାଣ (ଲାପସ୍ ଆକାଉଣ୍ଟ) ମହାଲେଖାକାରଙ୍କୁ ଜଣାଇବେ ।

2021-22 ବର୍ଷରେ 0.36 କୋଟି ଟଙ୍କା ଅବଶେଷ ଥାଇ, ଦୁଇଟି ବ୍ୟକ୍ତିଗତ ଜମାଖାତା ବନ୍ଦ ହୋଇଥିଲା, ଯାହା ସାରଣୀ **4.7** ରେ ଦର୍ଶାଯାଇଛି ।

**ସାରଣୀ 4.6: 31 ମାର୍ଚ୍ଚ 2022ସୁଦ୍ଧା ଅକାମୀ ପିଡି ଆକାଉଣ୍ଟ ଗୁଡ଼ିକ**

(ଟଙ୍କା ଲକ୍ଷରେ)

| କ୍ରମିକ ସଂଖ୍ୟା | ପିଡି ଆକାଉଣ୍ଟର ପ୍ରଶାକକଙ୍କ ନାମ | ଅବଶେଷ |
|---|---|---|
| 1 | କୋଷାଧକ୍ଷ, ଦାତବ୍ୟ ଅନୁଷ୍ଠାନ, ଭୁବନେଶ୍ୱର, ପିନ୍-751001 | 35.65 |
| 2 | ପ୍ରଶାସକ, କେନ୍ଦ୍ରୀୟ ଭବିଷ୍ୟନିଧି ପାଣ୍ଠି, ଏଚ୍ ଆଣ୍ଡ ୟୁଡି ବିଭାଗ, ଭୁବନେଶ୍ୱର, ପିନ୍-751001 | 0.00 |
| ମୋଟ | | **35.65** |

*ଉତ୍ସ: ପ୍ରଧାନ ମହାଲେଖାକାର (ଲେଖା ଓ ହକ୍‌ଦାରୀ), ଓଡ଼ିଶା କାର୍ଯ୍ୟାଳୟର ନଥି*

ବ୍ୟକ୍ତିଗତ ଜମାର ପରିଚାଳକମାନେ ପ୍ରତି ବର୍ଷ ଏହି ଜମାଖାତାରେ ଥିବା ରାଶି ସହିତ କୋଷାଗାର ଜମାଖାତାର ରାଶି ସହ ମେଳକ କରାଇବା ଦରକାର । 31 ମାର୍ଚ୍ଚ 2022 ସୁଦ୍ଧା 404 ଟି ବ୍ୟକ୍ତିଗତ ଜମାଖାତା ମଧ୍ୟରୁ 395 ଟି ଜମାଖାତା ଗୁଡ଼ିକୁ (97.77 ପ୍ରତିଶତ) କୋଷାଗାର ଜମାଖାତା ସହ ମେଳ କରାଯାଇଥିଲା ।


ବ୍ୟକ୍ତିଗତ ଜମାଖାତାରେ ବାକି ଥିବା ରାଶିର କୋଷାଗାର ଖାତାର ରାଶି ସହ ଅମିଳାମିଶା ଏବଂ ବ୍ୟକ୍ତିଗତ ଜମାଖାତାରେ ବ୍ୟୟ ନହୋଇ ପଡ଼ିରହିଥିବା ରାଶିକୁ ଏକୀକୃତ ପାଣ୍ଠିକୁ ହସ୍ତାନ୍ତର ନ କରିବା ଦ୍ୱାରା ଜନସାଧାରଣଙ୍କ ପାଣ୍ଠିର ଅପବ୍ୟବହାର ଜାଲିଆତି ଏବଂ ଆତ୍ମସାତ୍ ହେବାର ଆଶଙ୍କା ଥିଲା ।

## 4.6 ମାଇନର ହେଡ୍ 800 ର ପୃଥକ ବ୍ୟବହାର ନ ଦେଖାଇବା

ଅନ୍ୟାନ୍ୟ ପ୍ରାପ୍ତି ଏବଂ ଅନ୍ୟାନ୍ୟ ଖର୍ଚ୍ଚ ସମ୍ବନ୍ଧୀୟ ମାଇନର ହେଡ୍ 800 କେବଳ ମେଜର ହେଡ୍ ଅଧିନରେ ଉପଯୁକ୍ତ ମାଇନର ହେଡ୍ ପ୍ରଦାନ କରାଯାଇ ନଥିବା ବେଳେ, କାର୍ଯ୍ୟକ୍ଷମ ହେବା ପାଇଁ ଉଦ୍ଦିଷ୍ଟ । ମାଇନର ହେଡ୍ 800 ର ଦୈନନ୍ଦିନ ପ୍ରଚଳନକୁ ନିରୁତ୍ସାହିତ କରିବାକୁ ପଡ଼ିବ, ଯେହେତୁ ଏହା ହିସାବକୁ ଅସ୍ପଷ୍ଟ କରିଥାଏ ।

2021-22 ବର୍ଷ ମଧ୍ୟରେ, ରାଜ୍ୟ ସରକାର 115 ଟି ରାଜସ୍ୱ ଓ କ୍ୟାପିଟାଲ ମେଜର ହେଡ୍ ଅଧିନରେ 800 ମାଇନର ହେଡ୍ ଅଧିନରେ 9,614.13 କୋଟି ଟଙ୍କା ବ୍ୟୟ କରିଥିଲେ, ଯାହା ମୋଟ ରାଜସ୍ୱ ଏବଂ ପୁଞ୍ଜିବ୍ୟୟ 1,32,313.02 କୋଟି ଟଙ୍କାର 7.27 ପ୍ରତିଶତ ଥିଲା । 2017-22 ମଧ୍ୟରେ ଅନ୍ୟାନ୍ୟ ବ୍ୟୟ ପାଇଁ ମାଇନର ହେଡ୍ 800 ର ବ୍ୟବହାରକୁ ମୋଟ ଖର୍ଚ୍ଚର ପ୍ରତିଶତ ହିସାବରେ ରେଖାଚିତ୍ର **4.5** ରେ ଦର୍ଶାଯାଇଛି ।


**ରେଖାଚିତ୍ର 4.5: 2017-22 ମଧ୍ୟରେ ମାଇନର ହେଡ୍ 800 ର ବ୍ୟବହାର-ଅନ୍ୟାନ୍ୟ ଖର୍ଚ୍ଚ**




*ଉତ୍ସ: ରାଜ୍ୟ ସରକାରଙ୍କ 2020-21 ବର୍ଷର ଆର୍ଥିକ ସ୍ଥିତି*

ଉପରୋକ୍ତ **ସାରଣୀ 4.5** ରୁ ଦେଖାଯାଏ ଯେ ଅନ୍ୟାନ୍ୟ ଖର୍ଚ୍ଚ ପାଇଁ ମାଇନର ହେଡ୍ 800 ର ବହୁଳ ବ୍ୟବହାର ହୋଇଛି । 2017-22 ମଧ୍ୟରେ ଏହାର ଅଂଶ ମୋଟ ଖର୍ଚ୍ଚର 7 ପ୍ରତିଶତରୁ 18 ପ୍ରତିଶତ ମଧ୍ୟରେ ରହିଛି । ଗୋଟିଏ ମେଜର ହେଡ୍ ମଧ୍ୟରେ ମାଇନର ହେଡ୍ 800- ଅନ୍ୟାନ୍ୟ ଖର୍ଚ୍ଚ ଭାବରେ ଶ୍ରେଣୀଭୁକ୍ତ ହୋଇଥିବା ଖର୍ଚ୍ଚର ଯଥେଷ୍ଟ ଅନୁପାତ (50 ପ୍ରତିଶତ କିମ୍ବା ଅଧିକ) ର ଦୃଷ୍ଟାନ୍ତ **ପରିଶିଷ୍ଟ 4.5** ରେ ଦର୍ଶାଯାଇଛି । ଯେଉଁ ମୁଖ୍ୟ ଶୀର୍ଷ ଅଧିନରେ ମାଇନର୍ ହେଡ୍-800 ଅଧିନରେ ସର୍ବାଧିକ ବ୍ୟୟ କରାଯାଇଛି, ସେଗୁଡ଼ିକ ଯଥାକ୍ରମେ-4701-ମଧ୍ୟମ ଜଳସେଚନ ଉପରେ ମୂଳଧନ ଖର୍ଚ୍ଚ ଏବଂ ମେଜର ହେଡ୍ 5075-ଅନ୍ୟାନ୍ୟ ପରିବହନ ଉପରେ ମୂଳଧନ ଖର୍ଚ୍ଚ । ଗତ ପାଞ୍ଚ ବର୍ଷ ମଧ୍ୟରେ ଅନ୍ୟାନ୍ୟ ପ୍ରାପ୍ତି ପାଇଁ ବ୍ୟବହୃତ ମାଇନର ହେଡ୍ 800 ର ବିବରଣୀ ରେଖାଚିତ୍ର **4.6** ରେ ଦର୍ଶାଯାଇଛି ।

**ରେଖାଚିତ୍ର 4.6: 2017-22ମଧ୍ୟରେ ମାଇନର ହେଡ୍ 800- ଅନ୍ୟାନ୍ୟ ପ୍ରାପ୍ତି**




*ଉତ୍ସ: ରାଜ୍ୟ ସରକାରଙ୍କ 2021-22 ବର୍ଷର ଆର୍ଥିକ ସ୍ଥିତି*

ଉପରୋକ୍ତ **ରେଖାଚିତ୍ର**ରୁ ଦେଖାଯାଏ ଯେ ଖର୍ଚ୍ଚ ତୁଳନାରେ ମାଇନର ହେଡ୍ 800- ଅନ୍ୟାନ୍ୟ ପ୍ରାପ୍ତି କମ୍ ହୋଇଛି ଏବଂ 2020-21 ପ୍ରାପ୍ତିର 2.97 ପ୍ରତିଶତରୁ 2021-22 ର ମୋଟ ପ୍ରାପ୍ତିର 1.23 ପ୍ରତିଶତ ମଧ୍ୟରେ ରହିଛି । 2021-22 ବର୍ଷରେ ରାଜ୍ୟ ସରକାର 66 ଟି ମେଜର ହେଡ୍‌ର 1877.47 କୋଟି ଟଙ୍କା ପ୍ରାପ୍ତିକୁ ମାଇନର୍ ହେଡ୍-800-ଅନ୍ୟାନ୍ୟ ପ୍ରାପ୍ତି ଅଧିନରେ ଶ୍ରେଣୀଭୁକ୍ତ କରିଥିଲେ । ଯେଉଁ କେସ୍‌ରେ 100 ପ୍ରତିଶତ ପ୍ରାପ୍ତି ମାଇନର ହେଡ୍ 800- "ଅନ୍ୟାନ୍ୟ ପ୍ରାପ୍ତି" ଅଧିନରେ ଶ୍ରେଣୀଭୁକ୍ତ କରାଗଲା, ତାହା **ପରିଶିଷ୍ଟ 4.6** ରେ ଦର୍ଶାଯାଇଛି । ଯେଉଁ ମେଜର ହେଡ୍‌ର ସର୍ବାଧିକ ପ୍ରାପ୍ତି ମାଇନର୍ ହେଡ୍-800 ରେ ଶ୍ରେଣୀଭୁକ୍ତ କରାଯାଇଛି, ତାହା ହେଲା -1051-ବନ୍ଦର ଏବଂ ବତୀଘର (95.58 ପ୍ରତିଶତ) ।

ଯଦିଓ ମାଇନର ହେଡ୍ 800 ଅଧିନରେ ଥିବା ପ୍ରାପ୍ତି/ ବ୍ୟୟ ବର୍ଗୀକରଣ ପ୍ରସଙ୍ଗ କ୍ରମାଗତ ଭାବରେ ଭାରତର କମ୍ପଟ୍ରୋଲର ଏବଂ ଅଡିଟର ଜେନେରାଲଙ୍କ ପୂର୍ବ ରିପୋର୍ଟ ଗୁଡ଼ିକରେ ଦର୍ଶାଯାଇଥିଲା, ତଥାପି ସେଥିରେ ସାମାନ୍ୟ ଉନ୍ନତି ହୋଇନଥିଲା । ସଂପୃକ୍ତ ମେଜର ହେଡ୍ 800 ଅଧିନରେ ଦର୍ଶାଇବା ଏକ ଚିନ୍ତାର କାରଣ ଯେହେତୁ ଏହା ସ୍ୱଚ୍ଛତା ଉପରେ ଗୁରୁତର ପ୍ରଭାବ ପକାଇଥାଏ ।

ରାଜ୍ୟ ସରକାର ଦର୍ଶାଇଲେ (ଜାନୁଆରୀ 2023) ଯେ, ଯଦି କେବଳ ବ୍ୟୟ କିମ୍ବା ପ୍ରାପ୍ତିର ପ୍ରକାର କଣ୍ଟ୍ରୋଲର ଅଫ୍ ଆକାଉଣ୍ଟସଙ୍କ ଦ୍ୱାରା ନିର୍ଦ୍ଦିଷ୍ଟ ହୋଇଥିବା ମେଜର ଏଣ୍ଡ ମାଇନର ହେଡ(ଏଲ୍‌ଏମ୍‌ଏମ୍‌ଏଚ୍) ର ମେଜର ହେଡ୍ ତଳେ ଥିବା ମାଇନର ହେଡ୍ ସହ ମେଳ ହେଉ ନଥିବ ତେବେ ଖର୍ଚ୍ଚ ଏବଂ ପ୍ରାପ୍ତି ମାଇନର ହେଡ୍'800-ଅନ୍ୟାନ୍ୟ ଖର୍ଚ୍ଚ' ଓ 800-"ଅନ୍ୟାନ୍ୟ ପ୍ରାପ୍ତି" ରେ ବୁକ୍ କରାଯାଏ । ଅବଶ୍ୟ ଏହିପରି ଅଧିକାଂଶ କ୍ଷେତ୍ରରେ ଖର୍ଚ୍ଚର ଉଦ୍ଦେଶ୍ୟ ମାଇନର ହେଡ୍ ତଳେ ନିର୍ଦ୍ଦିଷ୍ଟ କରାଯାଇଛି । 2022-23 ର ବାର୍ଷିକ ବଜେଟ ସଂରଚନା କରିବା ସମୟରେ 800-ଅନ୍ୟାନ୍ୟ ଖର୍ଚ୍ଚ ଓ 800-ଅନ୍ୟାନ୍ୟ ପ୍ରାପ୍ତି ଅଧିନରେ ଥିବା ବଜେଟ ବ୍ୟବସ୍ଥାକୁ ସଠିକ୍ ଭାବେ ଯାଞ୍ଚ ଏକ ଯାଞ୍ଚ କରି ମାର୍ଜିତ କରାଯାଇଛି ଯାହାଦ୍ୱାରା ପରିମାଣକୁ ବହୁ ମାତ୍ରାରେ ହ୍ରାସ କରାଯାଇଛି ।

### 4.7 ପ୍ରମୁଖ ଅନିଶ୍ଚିତ ହେଡ୍ ଅଧିନରେ ବକେୟା ରାଶି

କୋଷାଗାର / ପିଏଓ ଦ୍ୱାରା ସିଡ୍ୟୁଲ୍ ସେଟଲମେଣ୍ଟ ପ୍ରଦାନ ନହେବା, ଆର୍‌ବିଆଇ ରୁ କ୍ଲିଅରାନ୍ସ ମେମୋ ପ୍ରାପ୍ତି ନ ହେବା, ଭାଉଚର ପ୍ରାପ୍ତି ନ ହେବା ଭଳି ସୂଚନା ଅଭାବ ହେତୁ ପ୍ରାପ୍ତି ଏବଂ ଦେୟ କାରବାରକୁ ପ୍ରତିଫଳିତ କରିବା ପାଇଁ ସରକାରୀ ହିସାବରେ "ସସପେନ୍ସ ହେଡ୍" ଭାବରେ ଜଣାଶୁଣା କେତେକ ଅନ୍ତରୀଣ/ ଆଡ୍‌ଜଷ୍ଟିଙ୍ଗ୍ ଆକାଉଣ୍ଟ ଖୋଲା

ଯାଇଥାଏ, ଯାହା କୌଣସି ଚୂଡ଼ାନ୍ତ ଆକାଉଣ୍ଟ ହେଡ୍‌ରେ ଦର୍ଶାଯାଇପାରିବ ନାହିଁ । ଏହି ଆକାଉଣ୍ଟଗୁଡ଼ିକର ହେଡ୍ ଶେଷରେ ମାଇନସ୍ ଡେବିଟ୍ କିମ୍ବା ମାଇନସ୍ କ୍ରେଡିଟ୍ ଦ୍ୱାରା ସମାହିତ ହୋଇଯାଏ, ଯେତେବେଳେ ସେମାନଙ୍କ ଅଧିନରେ ଥିବା ଆକାଉଣ୍ଟଗୁଡ଼ିକ ନିଜ ନିଜ ଅନ୍ତିମ ଆକାଉଣ୍ଟରେ ଦର୍ଶାଯାଏ । ଟଙ୍କା ପ୍ରେରଣ ସମସ୍ତ କାରବାରକୁ ଗ୍ରହଣ କରେ ଯାହା ଆକାଉଣ୍ଟ ହେଡ୍ ଆଡ୍‌ଜଷ୍ଟ କରିଥାଏ ଏବଂ ଏହା ଅଧିନରେ ଥିବା ଡେବିଟ୍ କିମ୍ବା କ୍ରେଡିଟ୍ ପରିଣାମତଃ ସଂପୃକ୍ତ କ୍ରେଡିଟ୍ ବା ଡେବିଟ୍ ସେହି ଆକାଉଣ୍ଟିଂ ସର୍କଲ ବା ଅନ୍ୟ ସର୍କଲ ଦ୍ୱାରା କ୍ଲିଅରାନ୍ସ ହୋଇଥାଏ ।

ଫାଇନାନ୍ସ ଆକାଉଣ୍ଟ ସସ୍‌ପେନ୍ସ ଏବଂ ରେମିଟାନ୍ସ ହେଡ୍ ଅଧିନରେ ଥିବା ନିଟ୍ ଅବଶେଷକୁ ପ୍ରତିଫଳିତ କରେ । ଏହି ହେଡ୍ ଗୁଡ଼ିକ ଅନ୍ତର୍ଗତ ବକେୟା ରାଶି ବିଭିନ୍ନ ହେଡ୍ ଅଧିନରେ ଥିବା ଅନ୍ୟ ଡେବିଟ୍ ଏବଂ କ୍ରେଡିଟ୍ ରାଶିକୁ ଏକତ୍ରିତ କରି ସମାଧାନ କରାଯାଏ । ସସ୍‌ପେନ୍ସ ଏବଂ ଟଙ୍କା ପଠାଇବା ଚିଜଗୁଡ଼ିକର ମୁକ୍ତି ରାଜ୍ୟ କୋଷାଗାର/ କାର୍ଯ୍ୟ ଏବଂ ଜଙ୍ଗଲ ବିଭାଗ ଇତ୍ୟାଦି ଦ୍ୱାରା ପ୍ରଦାନ କରାଯାଇଥିବା ବିବରଣୀ ଉପରେ ନିର୍ଭର କରେ । ଗତ ତିନି ବର୍ଷ ଧରି ପ୍ରମୁଖ ସସ୍‌ପେନ୍ସ ଏବଂ ରେମିଟାନ୍ସ ହେଡ୍ ଅଧିନରେ ମୋଟ ଆକଳନଗୁଡ଼ିକର ସ୍ଥିତି ସାରଣୀ **4.8** ରେ ଦର୍ଶାଯାଇଛି ।

**ସାରଣୀ 4.7: ସସ୍‌ପେନ୍ସ ଏବଂ ରେମିଟାନ୍ସ ହେଡ୍ ଅଧିନସ୍ଥ ଅବଶେଷ**

**(ଟଙ୍କା କୋଟିରେ)**

| ଲଘୁ ଶୀର୍ଷ | 2017-18 | | 2018-19 | | 2019-20 | |
|---|---|---|---|---|---|---|
| | Dr. | Cr. | Dr. | Cr. | Dr. | Cr. |
| **ମୁଖ୍ୟ ଶୀର୍ଷ 8658 –ସସ୍‌ପେନ୍ସ** | | | | | | |
| 101 - ପିଏଓ ସସ୍‌ପେନ୍ସ | 210.63 | 42.91 | 188.42 | 25.15 | 145.79 | 15.60 |
| ନିଟ୍ | Dr.167.72 | | Dr. 163.27 | | **Dr. 130.19** | |
| 102- ସସ୍‌ପେନ୍ସ ଖାତା ବେସାମରିକ | 13.07 | 44.12 | 29.07 | 2.59 | 19.12 | 79.51 |
| ନିଟ୍ | Cr.31.05 | | Cr. 26.48 | | **Cr. 60.39** | |
| 110- ରିଜର୍ଭ ବ୍ୟାଙ୍କ୍ ସସ୍‌ପେନ୍ସ-ସିଏଓ | 1.88 | .. | 3.11 | .. | 236.12 | .. |
| ନିଟ୍ | Dr.1.88 | | Dr. 3.11 | | **Dr. 236.12** | |
| **ମୁଖ୍ୟ ଶୀର୍ଷ 8782- ନଗଦ ଜମା ଓ ବ୍ୟବସ୍ଥିତ** | | | | | | |
| 102-ପିଡବ୍ଲୁ ଜମା | 14.80 | 2.33 | 13.46 | 1.62 | 137.23 | 147.13 |
| ନିଟ୍ | Dr. 12.47 | | Dr. 11.84 | | **Cr. 9.90** | |
| 103- ଜଙ୍ଗଲ ଜମା | 83.32 | - | 62.72 | .. | 64.21 | .. |
| ନିଟ୍ | Dr. 83.32 | | Dr. 62.72 | | **Dr. 64.21** | |

*ଉତ୍ସ: ରାଜ୍ୟ ସରକାରଙ୍କ ସଂପୃକ୍ତ ବର୍ଷର ଆର୍ଥିକ ସ୍ଥିତି*

2019-22 ମଧ୍ୟରେ ସସ୍‌ପେନ୍ସ ହେଡ୍ ଗୁଡ଼ିକରେ ବକେୟା ଜମା ବୃଦ୍ଧି ସରକାରଙ୍କ ଅନୁପଯୁକ୍ତ ହିସାବ ନିୟନ୍ତ୍ରଣକୁ ସୂଚିତ କରେ । 101-ପିଏଓ ସସ୍‌ପେନ୍ସ ହେଡ୍ ଅନ୍ତର୍ଗତ ବକେୟାକୁ ନିମ୍ନରେ ଆଲୋଚନା କରାଯାଇଛି:

### 4.7.1 ପେ ଏବଂ ଆକାଉଣ୍ଟସ୍ ଅଫିସ୍(ପିଏଓ) ସସ୍‌ପେନ୍ସ (ଲଘୁ ଶୀର୍ଷ101)

ଏହି ମାଇନର ହେଡ୍ ଅନ୍ତର୍ଗତ ବକେୟା ଡେବିଟ୍ ବାଲାନ୍ସ (31 ମାର୍ଚ୍ଚ 2022) 145.79 କୋଟି ଟଙ୍କା ଏବଂ କ୍ରେଡିଟ୍ ବାଲାନ୍ସ 15.60 କୋଟି ଟଙ୍କା ଥିଲା । ପ୍ରମୁଖ ବକେୟା ଡେବିଟ୍ ବାଲାନ୍ସ ପିଏଓ କେନ୍ଦ୍ରୀୟ ପେନ୍‌ସନ୍ ନୂଆ ଦିଲ୍ଲୀ (136.54 କୋଟି ଟଙ୍କା) ଏବଂ ପିଏଓ ଭୂ-ପରିବହନ ମନ୍ତ୍ରାଳୟ, କୋଲକତା (9.19 କୋଟି ଟଙ୍କା)ଙ୍କ ଉପରେ ଥିଲା । ପ୍ରମୁଖ କ୍ରେଡିଟ୍ ବାଲାନ୍ସ ଜାହାଜ ଚଳାଚଳ ମନ୍ତ୍ରାଳୟ ନୂଆ ଦିଲ୍ଲୀ (1.03 କୋଟି ଟଙ୍କା) ଏବଂ ଅନ୍ୟାନ୍ୟ (17.18 କୋଟି ଟଙ୍କା)ଙ୍କ ଉପରେ ଥିଲା । ପିଏଓ ସସ୍‌ପେନ୍ସ ହେଡ୍ ଅନ୍ତର୍ଗତ ବକେୟା ବାଲାନ୍ସ ସଜାଡ଼ିବା ଆବଶ୍ୟକ ।


## 4.8 ବିଭାଗୀୟ ହିସାବରେ ଅସଙ୍ଗତି

ବିଭାଗର ନିୟନ୍ତ୍ରଣ ଅଧିକାରୀଙ୍କୁ ଖର୍ଚ୍ଚକୁ ସୁଚାରୁ ରୂପରେ ନିୟନ୍ତ୍ରଣ କରିବା, ଏହାକୁ ବଜେଟ୍ ଅନୁଦାନ ମଧ୍ୟରେ ରଖିବା ଏବଂ ସେମାନଙ୍କ ହିସାବର ସଠିକତା ସୁନିଶ୍ଚିତ କରିବାରେ ସକ୍ଷମ କରିବା ପାଇଁ, ଓଜିଏଫ୍‌ଆର୍ (319) ନିୟମରେ


ବ୍ୟବସ୍ଥା ଅଛି ଯେ, ନିୟନ୍ତ୍ରଣ ଅଧିକାରୀଙ୍କ ପୁସ୍ତକରେ ଲିଖିତ ହୋଇଥିବା ଆର୍ଥିକ ବର୍ଷରେ ପ୍ରାପ୍ତି ଏବଂ ବ୍ୟୟ ମହାଲେଖାକାର (ଲେଖା ଓ ହକ୍‌ଦାରୀ) ଙ୍କ ପୁସ୍ତକରେ ଥିବା ଲିଖିତ ରେକର୍ଡ ସହ ପ୍ରତି ମାସରେ ସେମାନଙ୍କ ଦ୍ୱାରା ମେଳକ ହେବା କଥା ।

ବିଗତ ତିନି ବର୍ଷ (2019-22) ରେ ସିଓ ମାନଙ୍କ ଦ୍ୱାରା ପ୍ରାପ୍ତି ଏବଂ ବ୍ୟୟ ମେଳକର ଧାରା ନିମ୍ନ ରେଖାଚିତ୍ର 4.7 ଏବଂ 4.8 ରେ ଦର୍ଶାଯାଇଛି :

**ରେଖାଚିତ୍ର4.7: ବିଗତ ତିନି ବର୍ଷ ମଧରେ ପ୍ରାପ୍ତିର ମେଳକ ବିବରଣ**




**ରେଖାଚିତ୍ର 4.8:ବିଗତ ତିନି ବର୍ଷ ମଧରେ ବ୍ୟୟର ମେଳକ ବିବରଣ**




## 4.9 ନଗଦ ବାଲାନ୍ସର ମିଳାମିଶା

ଏଜି (ଏ ଆଣ୍ଡ ଇ) ର ପୁସ୍ତକ ଅନୁଯାୟୀ 31 ମାର୍ଚ୍ଚ 2022 ରେ, ରାଜ୍ୟ ସରକାରଙ୍କର ନଗଦ ବାଲାନ୍ସ ଏବଂ ରିଜର୍ଭ ବ୍ୟାଙ୍କର ରିପୋର୍ଟ ଅନୁଯାୟୀ ନଗଦ ବାଲାନ୍ସ ମଧ୍ୟରେ 0.83 କୋଟି ଟଙ୍କା(ନିଟ୍ ଡେବିଟ୍) ପାର୍ଥକ୍ୟ ଥିଲା । ମୁଖ୍ୟତଃ କୋଷାଗାର ଏବଂ ବ୍ୟାଙ୍କ ଗୁଡ଼ିକ ଦ୍ୱାରା ଭୁଲ ରିପୋର୍ଟ ପ୍ରଦାନ ହେତୁ ଏହି 0.83 କୋଟି ଟଙ୍କା (ଡେବିଟ୍) ପାର୍ଥକ୍ୟ ହେଲା । ଜୁନ୍ 2022 ଶେଷ ସୁଦ୍ଧା 0.03 କୋଟି ଟଙ୍କା (କ୍ରେଡିଟ୍) ବକେୟା ଥିଲା । ଏହି ନଗଦ ବାଲାନ୍ସର ପାର୍ଥକ୍ୟର ମିଳାମିଶା ଚାଲିଛି ।

### 4.9.1 ବ୍ୟାଙ୍କ ବାଲାନ୍ସ ଓ କ୍ୟାସ୍ ବୁକ୍ ବାଲାନ୍ସ ମଧ୍ୟରେ ମିଳାମିଶା ନ ହେବା ଦ୍ୱାରା 175.82 କୋଟି ଟଙ୍କାର ଅସଙ୍ଗତି

ଆକାଉଣ୍ଟ ବହିରେ ଉଲ୍ଲେଖ ହୋଇଥିବା କାରବାରର ସଠିକତାକୁ ନିଶ୍ଚିତ କରିବା ପାଇଁ ବ୍ୟାଙ୍କ୍ ଆକାଉଣ୍ଟ ଆକଳନ ସହିତ କ୍ୟାସ୍ ବୁକ୍ ଆକଳନ ସହ ମିଳାମିଶା ପ୍ରତ୍ୟେକ ମାସ ଶେଷରେ ନିୟମିତ କରାଯିବା ଆବଶ୍ୟକ । ଯଦି କୌଣସି ଅସଙ୍ଗତି ଥାଏ ତେବେ ଡିଡିଓମାନେ ତାକୁ ଠିକ୍ କରିବା ପାଇଁ ପ୍ରତ୍ୟେକ ମାସ ଶେଷରେ ମିଳାମିଶା କରିବା ଆବଶ୍ୟକ । 46 ଟି ନମୁନା ଯାଞ୍ଚ ହୋଇଥିବା ଡିଡିଓଗୁଡ଼ିକରେ ଏହା ଦେଖାଗଲା ଯେ ମାର୍ଚ୍ଚ 2022 ସୁଦ୍ଧା କ୍ୟାସ୍ ବହି ବାଲାନ୍ସ ଏବଂ ବ୍ୟାଙ୍କ୍ ପାସ୍ ବହି ବାଲାନ୍ସ ମଧ୍ୟରେ 175.82 କୋଟି ଟଙ୍କା (**ପରିଶିଷ୍ଟ 4.7**) ପାର୍ଥକ୍ୟ ଥିଲା । କ୍ୟାସ୍ ବାଲାନ୍ସର ଅମିଳାମିଶା ହେତୁ, ଡିଡିଓମାନଙ୍କ ଦ୍ୱାରା ପରିଚାଳିତ ଆକାଉଣ୍ଟଗୁଡ଼ିକର ସତ୍ୟତା ଅଡିଟରେ ପ୍ରମାଣିତ ହୋଇପାରି ନଥିଲା ।

## 4.10 ଆକାଉଣ୍ଟ ମାନକ ଅନୁପାଳନ ନହେବା

2002ରେ କମ୍ପଟ୍ରୋଲର ଆଣ୍ଡ ଅଡିଟର ଜେନେରାଲଙ୍କ ଦ୍ୱାରା ସ୍ଥାପିତ ସରକାରୀ ଆକାଉଣ୍ଟିଂ ଷ୍ଟାଣ୍ଡାର୍ଡସ ଆଡଭାଇଜାରୀ ବୋର୍ଡ (ଜିଏଏସ୍ଏବି) ଉତ୍ତରଦାୟିତ୍ୱ ପ୍ରଣାଳୀକୁ ବୃଦ୍ଧି କରିବା ପାଇଁ ସରକାରୀ ହିସାବ ଓ ଆର୍ଥିକ ଲିଖିତ ବିବରଣୀ ପାଇଁ ମାନକ ପ୍ରସ୍ତୁତ କରିଆସୁଛି । ଆଜି ସୁଦ୍ଧା ତିନୋଟି ଭାରତୀୟ ଆକାଉଣ୍ଟିଂ ଷ୍ଟାଣ୍ଡାର୍ଡ (ଆଇଜିଏଏସ୍) କୁ ସୂଚିତ କରାଯାଇଛି । 2021-22 ବର୍ଷରେ ଆର୍ଥିକ ବିବରଣୀରେ ଓଡ଼ିଶା ସରକାରଙ୍କ ଦ୍ୱାରା ଷ୍ଟାଣ୍ଡାର୍ଡକୁ ପାଳନ କରିବାର ପରିଣାମ ସାରଣୀ **4.9** ରେ ନିମ୍ନରେ ଦିଆଯାଇଛି:

**ସାରଣୀ 4.8: ସରକାରୀ ଆକାଉଣ୍ଟିଂ ଷ୍ଟାଣ୍ଡାର୍ଡର ଅନୁପାଳନ ନହେବା**

| କ୍ରମାଙ୍କ | ଆକାଉଣ୍ଟିଂ ଷ୍ଟାଣ୍ଡାର୍ଡ | ରାଜ୍ୟ ସରକାରଙ୍କ ଦ୍ୱାରା ସ୍ୱୀକାର | ସରକାରୀ ପ୍ରଭାବ |
|---|---|---|---|
| 1. | **ଆଇଜିଏଏସ୍-2: ଅନୁଦାନର ଆକାଉଣ୍ଟିଂ ଏବଂ ବର୍ଗୀକରଣ** | ସ୍ୱୀକାର ହୋଇନାହିଁ | I. କେତେକ ଅନୁଦାନ ସହାୟତାକୁ କ୍ୟାପିଟାଲ ବିଭାଗ ଅଧିନରେ ବର୍ଗୀକୃତ କରାଯାଇଥିଲା(ଅନୁଚ୍ଛେଦ 2.4.3)<br>II. ରାଜ୍ୟ ସରକାର ପ୍ରକାର ଆକାରରେ ନେଇଥିବା ଅନୁଦାନ ସମ୍ବନ୍ଧରେ କୌଣସି ସୂଚନା ଉପଲବ୍ଧ ନଥିଲା । |

*ଉତ୍ସ: ଓଡ଼ିଶା ସରକାରଙ୍କ 2021-22 ବର୍ଷର ବିତ୍ତୀୟ ହିସାବ ଓ ଆପ୍ରୋପ୍ରିଏସନ ହିସାବ*

## 4.11 ସ୍ୱୟଂଶାସିତ ସଂସ୍ଥାଗୁଡ଼ିକର ବାର୍ଷିକ ହିସାବ/ ପୃଥକ ଅଡିଟ୍ ରିପୋର୍ଟର ଉପସ୍ଥାପନ ନହେବା

ରାଜ୍ୟ ସରକାରଙ୍କ ଦ୍ୱାରା ସ୍ଥାପିତ ସ୍ୱୟଂଶାସିତ ସଂସ୍ଥାଗୁଡ଼ିକର ଆକାଉଣ୍ଟଗୁଡ଼ିକର ପ୍ରମାଣପତ୍ର "କମ୍ପଟ୍ରୋଲର ଏବଂ ଅଡିଟର ଜେନେରାଲ ଅଫ୍ ଇଣ୍ଡିଆ (ଡ୍ୟୁଟି, ପାୱାର ଏବଂ ସର୍ଭିସେସ୍ ଆକ୍ଟ,1971" ସିଏଜିସ୍ ଡିପିସି ଆକ୍ଟ) ର ଧାରା 19 କିମ୍ବା 20 ଦ୍ୱାରା ପରିଚାଳିତ ।

ସିଏଜିର ଡିପିସି ଆକ୍ଟର ଧାରା 19 କିମ୍ବା 20 ଅନୁଯାୟୀ, ଅଡିଟ୍ ପରିସର ଅଧିନରେ ଆସୁଥିବା ସ୍ୱୟଂଶାସିତ ସଂସ୍ଥାଗୁଡ଼ିକ ପ୍ରତିବର୍ଷ 30 ଜୁନ୍ ପୂର୍ବରୁ ଅଡିଟକୁ ବାର୍ଷିକ ହିସାବ ଦାଖଲ କରିବା ଆବଶ୍ୟକ । 18 ଟି ସ୍ୱୟଂଶାସିତ ସଂସ୍ଥା ସମ୍ବନ୍ଧରେ, ଯାହାକି ସିଏଜିକୁ ବାର୍ଷିକ ହିସାବ ପ୍ରଦାନ କରିବାକୁ ଥିଲା ଯାହା ଏକ ରୁ 39 ବର୍ଷ ପର୍ଯ୍ୟନ୍ତ ବିଳମ୍ବ ହୋଇଥିଲା ତାହା **ପରିଶିଷ୍ଟ 4.8** ରେ ଦର୍ଶାଯାଇଛି ।

ଏହି 18 ଟି ସ୍ୱୟଂଶାସିତ ସଂସ୍ଥା/ କର୍ତ୍ତୃପକ୍ଷଙ୍କ ମଧ୍ୟରୁ ନଅଟି ସଂସ୍ଥା /କର୍ତ୍ତୃପକ୍ଷ ଯଥା-ଓଡ଼ିଶା ବିଦ୍ୟୁତ୍ ନିୟାମକ କମିଶନ, ଓଡ଼ିଶା ରାଜ୍ୟ ଆଇନ୍ ସେବା ପ୍ରାଧିକରଣ, ଓଡ଼ିଶା ରାଜ୍ୟ ସଡ଼କ ପରିବହନ ନିଗମ, ଓଡ଼ିଶା ଶିଳ୍ପ ଭିତ୍ତିଭୂମି ଉନ୍ନୟନ ନିଗମ, ଓଡ଼ିଶା କ୍ଷୁଦ୍ର ଶିଳ୍ପ ନିଗମ ଲିମିଟେଡ୍, ଲୋକାୟୁକ୍ତ ଓଡ଼ିଶା ଏବଂ ଓଡ଼ିଶା ବିଲ୍ଡିଂ ଏବଂ ଅନ୍ୟାନ୍ୟ ନିର୍ମାଣ ଶ୍ରମିକଙ୍କ କଲ୍ୟାଣ ବୋର୍ଡ 2009-10 ରୁ 2021-22 ପର୍ଯ୍ୟନ୍ତ ଆର୍ଥିକ ଅଡିଟ୍ ପାଇଁ ସେମାନଙ୍କ ଆକାଉଣ୍ଟ ଦାଖଲ କରିଛନ୍ତି ।

ଅବଶିଷ୍ଟ ସଂସ୍ଥା/ କର୍ତ୍ତୃପକ୍ଷଙ୍କର ବାର୍ଷିକ ଖାତା 2021-22 ପର୍ଯ୍ୟନ୍ତ ବାର୍ଷିକ ହିସାବ ସେପ୍ଟେମ୍ବର 2022 ପର୍ଯ୍ୟନ୍ତ ପ୍ରାପ୍ତ ହୋଇନଥିଲା । ଏହି ସଂସ୍ଥା/ କର୍ତ୍ତୃପକ୍ଷଙ୍କର ଆକାଉଣ୍ଟ 10 ବର୍ଷରୁ 39 ବର୍ଷ ଅଧିକ ସମୟ ବକେୟା ରହିଥିଲା ।

ବାର୍ଷିକ ଖାତାର ଅନୁପସ୍ଥିତିରେ ଏହି ସଂସ୍ଥା/ କର୍ତ୍ତୃପକ୍ଷଙ୍କୁ ଦିଆଯାଇଥିବା ଅନୁଷ୍ଠାନର ହିସାବ/ ଉପଯୋଗିତା ଅଡିଟ୍ ଦ୍ୱାରା ଯାଞ୍ଚ ହୋଇପାରିଲା ନାହିଁ ।

ରାଜ୍ୟ ସରକାର ଦର୍ଶାଇଲେ (ଜାନୁଆରୀ 2023) ଯେ, ଏହି ନଅଟି ସ୍ୱୟଂଶାସିତ ସଂସ୍ଥାମାନଙ୍କ ଦ୍ୱାରା ଦାଖଲ ହୋଇନଥିବା ଆକାଉଣ୍ଟ ସମ୍ବନ୍ଧରେ ସଂପୃକ୍ତ ପ୍ରଶାସନିକ ବିଭାଗ ଗୁଡ଼ିକୁ ଅବଗତ କରାଯିବ ଓ ସିଏଜିଙ୍କୁ ଆର୍ଥିକ ଅଡିଟ୍ ପାଇଁ ସେମାନଙ୍କର ଆକାଉଣ୍ଟ ସମାନ କରିବା ପାଇଁ ଅନୁରୋଧ କରାଯିବ ।

### 4.12 ବିଭାଗୀୟ ବାଣିଜ୍ୟିକ ଉଦ୍ୟୋଗ

ଯେଉଁ ସରକାରୀ ବିଭାଗଗୁଡ଼ିକ କ୍ୱାସି-ବାଣିଜ୍ୟିକ ପ୍ରକାରର କାର୍ଯ୍ୟ ସଂପାଦନ କରନ୍ତି, ସେମାନେ ସେମାନଙ୍କର ଆର୍ଥିକ କାର୍ଯ୍ୟର ଫଳାଫଳ ଦର୍ଶାଇ ନିର୍ଦ୍ଦିଷ୍ଟ ଫର୍ମାଟରେ ବାର୍ଷିକ ପ୍ରୋଫର୍ମା ଆକାଉଣ୍ଟ ପ୍ରସ୍ତୁତ କରିବା ଆବଶ୍ୟକ, ଯଦ୍ୱାରା ସରକାର ସେମାନଙ୍କର କାର୍ଯ୍ୟଦକ୍ଷତାକୁ ଆକଳନ କରିପାରିବେ । ଆର୍ଥିକ ଖାତା 2021-22 ର ଷ୍ଟେଟ୍‌ମେଣ୍ଟ ପାଞ୍ଚଟି ବିଭାଗୀୟ ଉଦ୍ୟୋଗ/ ଯୋଜନା ମଧ୍ୟରୁ କୌଣସି ବିଭାଗ ପ୍ରୋଫର୍ମା ଆକାଉଣ୍ଟ ପ୍ରସ୍ତୁତ କରିନଥିଲେ ।

ଠିକ୍ ସମୟରେ ଆକାଉଣ୍ଟର ଚୂଡ଼ାନ୍ତକରଣ ଅଭାବରେ ସରକାରଙ୍କ ବିନିଯୋଗ ଅଡିଟ୍ ରାଜ୍ୟ ବିଧାନସଭାର ଯାଞ୍ଚ ବାହାରେ ରୁହେ । ଫଳସ୍ୱରୂପ ଉତ୍ତରଦାୟିତ୍ୱ ସୁନିଶ୍ଚିତ କରିବା ଏବଂ ଦକ୍ଷତା ବୃଦ୍ଧି ପାଇଁ ଆବଶ୍ୟକ ସଂଶୋଧନ ପଦକ୍ଷେପ ଯଦି କିଛି ଥାଏ ତାହା ଠିକ୍ ସମୟରେ ନିଆଯାଇପାରିବ ନାହିଁ । ଏତଦ୍ ବ୍ୟତୀତ, ବିଳମ୍ବ ମଧ୍ୟ ଜନସାଧାରଣଙ୍କ ଟଙ୍କାର ଠକେଇ ଏବଂ ଚୋରୀର ଆଶଙ୍କାକୁ ବଢ଼ାଇ ଥାଏ ।

### 4.13 ସଂସ୍ଥା ଏବଂ କର୍ତ୍ତୃପକ୍ଷଙ୍କୁ ଦିଆଯାଇଥିବା ଅନୁଦାନ/ ଋଣର ସର୍ବଶେଷ ବିବରଣୀ ଦାଖଲ ନ ହେବା

ଭାରତର ମହାଲେଖାକାର ନିୟନ୍ତ୍ରକ ଓ ମହାସମୀକ୍ଷକଙ୍କ (କର୍ତ୍ତବ୍ୟ, କ୍ଷମତା ଏବଂ ସେବ ସର୍ତ୍ତାବଳୀ 1971) ଅଧିନିୟମ ଧାରା 14 ଏବଂ15 ଅନୁଯାୟୀ ଅଡିଟ୍ ଆକୃଷ୍ଟ କରୁଥିବା ଅନୁଷ୍ଠାନ/ ସଂଗଠନଗୁଡ଼ିକୁ ଚିହ୍ନଟ କରିବା ପାଇଁ ସରକାର/ ଏଚ୍‌ଓଡି ଗୁଡ଼ିକ ପ୍ରତିବର୍ଷ ଅଡିଟକୁ ପ୍ରଦାନ କରିବା ଆବଶ୍ୟକ :

- ବିଭିନ୍ନ ଅନୁଷ୍ଠାନକୁ ଦିଆଯାଇଥିବା ଆର୍ଥିକ ସହାୟତା ବିଷୟରେ ବିସ୍ତୃତ ସୂଚନା,
- ଯେଉଁ ଉଦ୍ଦେଶ୍ୟ ପାଇଁ ସହାୟତା ଦିଆଯାଏ ଏବଂ
- ସଂସ୍ଥାଗୁଡ଼ିକର ମୋଟ ଖର୍ଚ୍ଚ

ପୁନଶ୍ଚ, ସରକାର ଏବଂ ବିଭାଗୀୟ ମୁଖ୍ୟ, ଯେଉଁମାନେ ସଂସ୍ଥା କିମ୍ବା କର୍ତ୍ତୃପକ୍ଷଙ୍କୁ ଅନୁଦାନ ଏବଂ/ କିମ୍ବା ଋଣ ମଞ୍ଜୁର କରନ୍ତି, ସେମାନେ ଯେଉଁ ସଂସ୍ଥାମାନଙ୍କୁ ପୂର୍ବ ବର୍ଷରେ 10 ଲକ୍ଷ କିମ୍ବା ତା'ଠାରୁ ଅଧିକ ଅନୁଦାନ ଏବଂ / କିମ୍ବା ଋଣ ପ୍ରଦାନ କରାଯାଇଥିଲା, ତାହାର ବିବରଣୀ ଯଥା-(କ) ସହାୟତା ପରିମାଣ (ଖ) କେଉଁ ଉଦ୍ଦେଶ୍ୟରେ ସହାୟତା ମଞ୍ଜୁର କରାଯାଇଥିଲା ଏବଂ (ଗ) ସଂସ୍ଥା କିମ୍ବା ପ୍ରାଧିକରଣର ମୋଟ ଖର୍ଚ୍ଚ ପ୍ରତିବର୍ଷ ଜୁଲାଇ ଶେଷ ସୁଦ୍ଧା ଅଡିଟ୍‌କୁ ପ୍ରଦାନ କରିବେ ।


43 ଟି ବିଭାଗ ମଧ୍ୟରୁ କେବଳ 30 ଟି ବିଭାଗ 2021-22 ବର୍ଷରେ ବିଭିନ୍ନ ସଂସ୍ଥା ଓ କର୍ତ୍ତୃପକ୍ଷଙ୍କୁ ଅନୁଦାନ ଏବଂ/ କିମ୍ବା ଋଣ ମଞ୍ଜୁର କରନ୍ତି, ସେମାନେ ଯେଉଁ ସଂସ୍ଥାମାନଙ୍କୁ ପୂର୍ବ ବର୍ଷରେ 10 ଲକ୍ଷ କିମ୍ବା ତା'ଠାରୁ ଅଧିକ ଅନୁଦାନ ଏବଂ /

କିମ୍ବା ଋଣ ପ୍ରଦାନ କରାଯାଇଥିଲା, ତାହାର ସବିଶେଷ ତଥ୍ୟ ପ୍ରଦାନ କରିଥିଲେ । ଅବଶିଷ୍ଟ 13 ଟି ବିଭାଗ[36]ର ସୂଚନା ଅନୁପସ୍ଥିତିରେ ବିଧାନସଭା/ ସରକାରଙ୍କୁ ସେମାନଙ୍କ ଦ୍ୱାରା ଅନୁମୋଦିତ/ ପ୍ରଦତ୍ତ ଅନୁଦାନଗୁଡ଼ିକ କିପରି ବ୍ୟବହାର କରାଯାଇଥିଲା ସେ ସମ୍ବନ୍ଧରେ ଯୁକ୍ତିଯୁକ୍ତ ତଥ୍ୟ ପ୍ରଦାନ କରିପାରି ନଥିଲେ । ଏହା ସରକାରୀ ଖର୍ଚ୍ଚ ବ୍ୟବସ୍ଥା ଉପରେ ଆଇନଗତ ନିୟନ୍ତ୍ରଣର ଗୁଣକୁ ହ୍ରାସ କରିଥାଏ ।

## 4.14 ଆକାଉଣ୍ଟସର ସମୟାନୁବର୍ତ୍ତିତା ଏବଂ ଗୁଣବତ୍ତା

ରିଜର୍ଭ ବ୍ୟାଙ୍କର ପରାମର୍ଶ ବ୍ୟତୀତ ଜିଲ୍ଲା କୋଷାଗାର, ଉପ-କୋଷାଗାର, ସାଇବର କୋଷାଗାର, ସାଧାରଣ କାର୍ଯ୍ୟ ବିଭାଗ ଦ୍ୱାରା ପ୍ରଦତ୍ତ ପ୍ରାରମ୍ଭିକ ଆକାଉଣ୍ଟରୁ ମହାଲେଖାକାର (ଲେଖା ଓ ହକ୍‌ଦାରୀ) ଙ୍କ ଦ୍ୱାରା ରାଜ୍ୟ ସରକାରଙ୍କ ଆକାଉଣ୍ଟଗୁଡ଼ିକ ସଂକଳିତ ହୁଏ । 2021-22 ଆର୍ଥିକ ବର୍ଷରେ କୋଷାଗାର ଦ୍ୱାରା ଦୁଇ ରୁ 18 ଦିନ, ଲୋକ ନିର୍ମାଣ ବିଭାଗ ଦ୍ୱାରା ସାତରୁ 15 ଦିନ ଏବଂ ବନ ବିଭାଗ ଦ୍ୱାରା 15 ରୁ 24 ଦିନ ପର୍ଯ୍ୟନ୍ତ ମାସିକ ଆକାଉଣ୍ଟସ ପ୍ରଦାନରେ ବିଳମ୍ବ ହୋଇଥିଲା । ରେଖାଚିତ୍ର **4.9** ରେ ମାସିକ ସିଭିଲ୍ ଆକାଉଣ୍ଟ ଦାଖଲ କରିବାରେ ବିଳମ୍ବ (ଦିନରେ) ର ବିବରଣୀ ଦିଆଯାଇଛି ।

**ରେଖାଚିତ୍ର 4.9: ଟ୍ରେଜେରୀ, ପବ୍ଲିକ ୱାର୍କସ ଏବଂ ବନ ବିଭାଗ ଦ୍ୱାରା ମାସିକ ଆକାଉଣ୍ଟ ପ୍ରଦାନରେ ବିଳମ୍ବ(ଦିନରେ)**




*ଉତ୍ସ: ମହାଲେଖାକାର (ଲେଖା ଓ ହକ୍‌ଦାରୀ), ଓଡ଼ିଶାଙ୍କ କାର୍ଯ୍ୟାଳୟର ନଥି*

ଆକାଉଣ୍ଟଗୁଡ଼ିକୁ ବାଦ୍ ଦେବା କେବଳ ସରକାରଙ୍କର ବଜେଟ୍ ସ୍ଥିତିକୁ ବିକୃତ କରେନାହିଁ, ବରଂ ବର୍ଷ ମଧ୍ୟରେ ଏହାର କାର୍ଯ୍ୟାନ୍ୱୟନର ଶେଷ ସୀମା ପର୍ଯ୍ୟନ୍ତ ପାଣ୍ଠି ପ୍ରବାହର ମନିଟରିଂକୁ, ବିକାଶମୂଳକ କାର୍ଯ୍ୟକ୍ରମଗୁଡ଼ିକରେ ଏହାର ଯୋଜନାବଦ୍ଧ ଖର୍ଚ୍ଚର ଧାରାକୁ ଏବଂ ବିଭାଗର କାର୍ଯ୍ୟପ୍ରଣାଳୀକୁ ପ୍ରଭାବିତ କରିଥାଏ ।

## 4.15 ଆତ୍ମସାତ୍, କ୍ଷତି, ଚୋରୀ ଇତ୍ୟାଦି

ଓଜିଏଫ୍ଆର୍ ଭାଗ I (ନିୟମ19), ଅନୁଯାୟୀ, ଯେଉଁଠାରେ ଟଙ୍କା, ବିଭାଗୀୟ ରାଜସ୍ୱ, ଷ୍ଟୋର କିମ୍ବା ଅନ୍ୟାନ୍ୟ ସମ୍ପତ୍ତିର ନଷ୍ଟ 500 ଟଙ୍କା କିମ୍ବା ଅଧିକ, ସରକାରୀ ଅଧିକାରୀମାନେ ତୁରନ୍ତ ଉଚ୍ଚ ପଦାଧୀକାରୀ ତଥା ମହାଲେଖାକାର, ଓଡ଼ିଶାଙ୍କୁ ଅବଗତ କରିବାକୁ କ୍ଷମତା ଦିଆଯାଇଛି । ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗ ରିପୋର୍ଟ କରିଥିଲେ ଯେ 711

[36] ଅର୍ଥ, ଓଡ଼ିଶା ବିଧାନ ସଭା, ବିଦ୍ୟାଳୟ ଓ ଗଣଶିକ୍ଷା, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ; ପଞ୍ଚାୟତି ରାଜ ଏବଂ ପାନୀୟ ଜଳ, ଜନ ଅଭିଯୋଗ ଓ ପେନ୍‌ସନ୍ ପ୍ରଶାସନ; ଗ୍ରାମ୍ୟ ଉନ୍ନୟନ, ମହିଳା ଏବଂ ଶିଶୁ ବିକାଶ ଏବଂ ମିଶନ ଶକ୍ତି, ବୈଦ୍ୟୁତିକ ଓ ସୂଚନା ପ୍ରଯୁକ୍ତି; ସାମାଜିକ ନିରାପତ୍ତା ଏବଂ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଏବଂ ବିପର୍ଯ୍ୟୟ ପରିଚାଳନା ଓ ଓଡ଼ିଶା ଭାଷା ସାହିତ୍ୟ ଓ ସଂସ୍କୃତି ।

ଟି କେସରେ କ୍ଷତି, ଆତ୍ମସାତ୍ ଏବଂ ତୋଷରପାତ ଇତ୍ୟାଦି ହୋଇଥିଲା ଯାହା ***ପରିଶିଷ୍ଟ 4.9*** ରେ ବିସ୍ତୃତ ଭାବରେ ଦର୍ଶାଯାଇଛି ।

ରାଜ୍ୟ ସରକାର ଦର୍ଶାଇଲେ (ଜାନୁଆରୀ 2023) ଯେ, ସଂପୃକ୍ତ କର୍ମଚାରୀଙ୍କ ବିରୁଦ୍ଧରେ ଶୃଙ୍ଖଳାଗତ ଓ ଅପରାଧିକ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିବା ପାଇଁ ସଂପୃକ୍ତ ବିଭାଗ ଗୁଡ଼ିକୁ ଅନୁରୋଧ କରାଯିବ ।

## 4.16 ଏକକ ନୋଡାଲ ଆକାଉଣ୍ଟ କାର୍ଯ୍ୟାନ୍ୱୟନର ସ୍ଥିତି

ଭାରତ ସରକାରଙ୍କ (ମାର୍ଚ୍ଚ 2021) ଏକ ନୂତନ ପ୍ରବର୍ତ୍ତିତ ପଦ୍ଧତି ଅନୁଯାୟୀ, 01 ଜୁଲାଇ 2021 ଠାରୁ କେନ୍ଦ୍ରୀୟ ପ୍ରାୟୋଜିତ ଯୋଜନା (ସିଏସ୍ଏସ୍) ଗୁଡ଼ିକରେ ସମସ୍ତ ପାଣ୍ଠି ଏକକ ନୋଡାଲ ଏଜେନ୍ସି (ଏସ୍ଏନ୍ଏ) ମାଧ୍ୟମରେ ପରିଚାଳିତ ହେଉଛି ।

କେନ୍ଦ୍ରୀୟ ପ୍ରାୟୋଜିତ ଯୋଜନା ଗୁଡ଼ିକ ସମ୍ବନ୍ଧରେ ଏସ୍ଏନ୍ଏ ମଡେଲ୍ 2021-22 ରୁ ପିଏଫ୍ଏମ୍ଏସ୍ ରାଜ୍ୟ ଟ୍ରେଜେରୀ ଇଣ୍ଟିଗ୍ରେସନ ମାଧ୍ୟମରେ ରାଜ୍ୟରେ କାର୍ଯ୍ୟକାରୀ ହେଉଥିଲା । ସମସ୍ତ ରାଜ୍ୟ ସଂପୃକ୍ତ ଯୋଜନା (ଏସ୍ଏଲ୍ଏସ୍) ପାଇଁ ଏସ୍ଏନ୍ଏକୁ ନିଯୁକ୍ତି କରାଯାଇଛି । ଜାନୁଆରୀ 2023 ସୁଦ୍ଧା, ସିଏସ୍ଏସ୍ ସହିତ ସଂପୃକ୍ତ ଥିବା 116 ଟି ଏସ୍ଏଲ୍ଏସ୍ ସମ୍ବନ୍ଧରେ ତଥ୍ୟ ବଣ୍ଟନ କରାଯାଉଥିଲା ଏବଂ କେନ୍ଦ୍ରୀୟ ଅଂଶ ଏବଂ ରାଜ୍ୟ ଅଂଶ ପାଇଁ ପୃଥକ ବଜେଟ ଶୀର୍ଷ ସୃଷ୍ଟି କରାଯାଇଥିଲା । ତଥାପି, କାର୍ଯ୍ୟକାରୀ ଏଜେନ୍ସି ଗୁଡ଼ିକ ଦ୍ୱାରା ଖର୍ଚ୍ଚର ଦେୟ ବିବରଣୀ ଏବଂ ଭାଉଚର ମହାଲେଖାକାରଙ୍କ କାର୍ଯ୍ୟାଳୟରେ ଦାଖଲ କରାଯାଇ ନାହିଁ ।

## 4.17 ରାଜ୍ୟ ଆର୍ଥିକ ଅଡିଟ୍ ରିପୋର୍ଟ ଉପରେ କାର୍ଯ୍ୟ ଅନୁସରଣ

ରାଜ୍ୟ ଅର୍ଥ ଉପରେ ପୃଥକ ରିପୋର୍ଟ 2008-09 ବର୍ଷ ଠାରୁ ପ୍ରସ୍ତୁତ ହୋଇ ରାଜ୍ୟ ବିଧାନ ସଭାରେ ଉପସ୍ଥାପନ କରାଯାଉଛି । 2021-22 ମଧ୍ୟରେ, ରାଜ୍ୟ ଅର୍ଥ ଅଡିଟ୍ ରିପୋର୍ଟ (ଏସ୍ଏଫ୍ଏଆର୍) ସମ୍ବନ୍ଧୀୟ ପାରାଗୁଡ଼ିକର ବିଚାରାଧୀନ ସ୍ଥିତି ଉପରେ ଆଲୋଚନା ପାଇଁ ଚାରୋଟି ବୈଠକ ଅନୁଷ୍ଠିତ ହୋଇଥିଲା । 2008-09 ରୁ 2020-21 ସମୟର ଏସ୍ଏଫ୍ଏଆର୍ ସହିତ ଜଡ଼ିତ ମୋଟ 334 ଟି ଅନୁଚ୍ଛେଦ ମାର୍ଚ୍ଚ 2022 ସୁଦ୍ଧା ବିଚାରାଧୀନ ଥିଲା ।

## 4.18 ସୁପାରିଶ:

1. ସାମ୍ବିଧାନିକ ବ୍ୟବସ୍ଥା ଉଲ୍ଲଙ୍ଘନ କରି ଏକୀକୃତ ପାଣ୍ଠି/ ସହକାରୀ ପାଣ୍ଠି ବାହାରେ ପଡ଼ିଥିବା ସମସ୍ତ ପାଣ୍ଠିକୁ ସରକାର ଏକୀକୃତ ପାଣ୍ଠି/ ସରକାରୀ ପାଣ୍ଠି ମଧ୍ୟକୁ ଆଣିବା ଉଚିତ୍ (ଅନୁଚ୍ଛେଦ 4.1) ।
2. ନିୟମ ଅନୁଯାୟୀ, ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ଏସି ବିଲ୍‌କୁ ବ୍ୟବସ୍ଥିତ କରିବା ପାଇଁ ସରକାର ବିଚାର କରିବା ଆବଶ୍ୟକ(ଅନୁଚ୍ଛେଦ 4.4) ।
3. ସରକାର ମହାଲେଖାକାର (ଲେଖା ଏବଂ ହକ୍‌ଦାରୀ) ଙ୍କ ସହ ପରାମର୍ଶ କରି ବର୍ତ୍ତମାନ ମାଇନର ହେଡ୍ 800 ଅଧିନରେ ଦର୍ଶାଯାଉଥିବା ସମସ୍ତ ଚିଜଗୁଡ଼ିକର ବିସ୍ତୃତ ସମୀକ୍ଷା କରିବା ଉଚିତ୍ ଏବଂ ନିଶ୍ଚିତ କରିବେ ଯେ ଏହିପରି ସମସ୍ତ ପ୍ରାପ୍ତି ଏବଂ ଖର୍ଚ୍ଚ ଭବିଷ୍ୟତରେ ଉପଯୁକ୍ତ ଆକାଉଣ୍ଟ ଅଧିନରେ ରହିବ (ଅନୁଚ୍ଛେଦ 4.6) ।
6. ଆତ୍ମସାତ୍, କ୍ଷତି, ଚୋରୀ ଇତ୍ୟାଦି ମାମଲାରେ ତୁରନ୍ତ ଏଫ୍ଆଇଆର୍ ଦାଖଲ ସହ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଏବଂ ଏଭଳି ଘଟଣାର ପୁନରାବୃତ୍ତି ରୋକିବା ପାଇଁ ଆଭ୍ୟନ୍ତରୀଣ ନିୟନ୍ତ୍ରଣ ବ୍ୟବସ୍ଥାକୁ ମଜବୁତ୍ କରିବା ପାଇଁ ସରକାର ଏକ ସମୟବଦ୍ଧ ଢାଞ୍ଚା ପ୍ରସ୍ତୁତ କରିବା ପାଇଁ ବିଚାର କରିପାରନ୍ତି (ଅନୁଚ୍ଛେଦ 4.15) ।